## ଏ ସପ୍ତାହର କାର୍ଯ୍ୟକ୍ରମ

**୨୪।୧୧।୨୦୧୮ (ରବିବାର)**

■ଏନସିସି ଡେ ପାଳନ ଉପଲକ୍ଷେ ପୁରାତନ କ୍ୟାଡେଟଙ୍କ ବନ୍ଧୁ ମିଳନ, ସ୍ଥାନ- କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା

**୨୫।୧୧।୨୦୧୮ (ସୋମବାର)**

■ମିଳିତ ଜନଶୁଣାଣି ଶିବିର, ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ

**୨୬।୧୧।୨୦୧୮ (ମଙ୍ଗଳବାର)**

■ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ-ବ୍ଲକ କାର୍ଯ୍ୟାଳୟ, ଆଳି, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ ।

**୨୭।୧୧।୨୦୧୮ (ବୁଧବାର)**

■ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ- ପୌରପାଳିକା ଟାଉନ ହଲ, କେନ୍ଦ୍ରାପଡା, ସମୟ- ଅପରାହ୍ନ ୫ଟା ।

# ଜାନୁୟାରୀ ୬ରୁ କେନ୍ଦ୍ରାପଡା ପୁସ୍ତକମେଳା



ବୈଠକରେ ଯୋଗ ଦେଇଥିବା କେମ୍ କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡା ଅଫିସ,୨୩।୧୧**

ଆସନ୍ତା ଜାନୁୟାରୀ ୬ରୁ ରାଜ୍ୟସ୍ତରୀୟ କେନ୍ଦ୍ରାପଡା ପୁସ୍ତକ ମେଳା ଆରମ୍ଭ ହୋଇ ୧୩ ତାରିଖରେ ସରିବ । ଏହି ଉପଲକ୍ଷେ ସହରର ମାଧପୁରସ୍ଥିତ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କେମ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ସଭାପତି ଅକ୍ଷୟ କୁମାର ପାଣି ଅଧ୍ୟକ୍ଷତା କରିଥିଲେ । ଏଥିରେ ପୁସ୍ତକମେଳା ପରିଚାଳନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରତ୍ୟେକ ଦିନ ଆଲୋଚନାଚକ୍ର, ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ କେମ୍‌ର ସଦସ୍ୟଙ୍କୁ ପୁସ୍ତକ ମେଳା ପରିଚାଳନା କରିବା ପାଇଁ ଦାୟିତ୍ୱ ବଣ୍ଟନ ହୋଇଥିଲା । ବୈଠକରେ ଡ. ବିରଜା ରାଉତରାୟ, ଜାହିଦ୍ ଖାଁ, ମାତୃଦତ୍ତ ମହାନ୍ତି, ହିମାଂଶୁ ଦାସ, କବି ଡ. କଳ୍ପନା ମଲ୍ଲିକ, ପ୍ରଦ୍ୟୁମ୍ନ ବେହୁରା, ଶେଷଦେବ ଦାସ, ଧୀରେନ୍ଦ୍ର ଦାସ, କରିସ୍ମା ଦାଣ୍ଡିଆ, ଲଳିତେନ୍ଦୁ ପଣ୍ଡା, ସରୋଜ କାନ୍ତ ଦାସ, ଜ୍ୟୋତି ପ୍ରକାଶ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଧାନ ବିହନ ବିକ୍ରୟରେ କ୍ଷତି ସହୁଛି ଚାଷୀ

**କେନ୍ଦ୍ରାପଡା ଅଫିସ, ୨୩।୧୧**

କେନ୍ଦ୍ରାପଡା ଜିଲାରେ ଖରିଫ ଧାନ ଫସଲ ଅମଳ ଆସନ୍ତା ୧୫ ଦିନ ମଧ୍ୟରେ ଆରମ୍ଭ ହେବ । ଡିସେମ୍ବର ଶେଷ ସପ୍ତାହ ବେଳକୁ ରାଜ୍ୟ ସରକାର ଧାନ ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ହୋଇଛି । ତେବେ ଖର୍ଚ୍ଚ ତୁଳନାରେ ଧାନର ବିକ୍ରୟ ମୂଲ୍ୟ ବହୁତ କମ ରହିଥିବାରୁ ଚାଷୀ କ୍ଷତି ସହୁଥିବା ବିଭିନ୍ନ କୃଷକ ନେତା ମତ ଦେଇଛନ୍ତି । ଏ ସମ୍ପର୍କରେ କୃଷକନେତା ବିଜୟ ପରିଡା କୁହନ୍ତି ଯେ, ଓଡିଶା ସରକାରଙ୍କ ବିହନ ନିଗମ ଚାଷୀଙ୍କ ଠାରୁ ଯେଉଁ ଦରରେ ଧାନ ବିହନ ସଂଗ୍ରହ କରୁଛି, ତାହା ଉତ୍ପାଦନ ଖର୍ଚ୍ଚ ଠାରୁ ଯଥେଷ୍ଟ କମ । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚାଲିଥିବା ରାଜନୈତିକ ଲଢ଼େଇରେ ସାଧାରଣ ଚାଷୀ ବଳି ପଡୁଛନ୍ତି । କେନ୍ଦ୍ର ସରକାର ଏ ଗ୍ରେଡ ଧାନ ପାଇଁ କୁଇଣ୍ଟାଲ ପିଛା ୧୮୫୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଥିବା ବେଳେ ସାଧାରଣ ଧାନ କ୍ଷେତ୍ରରେ ଏହା ୧୮୧୫ ଟଙ୍କା ରହିଛି । କେନ୍ଦ୍ର ସରକାର ଏହି ମୂଲ୍ୟ ନିର୍ଦ୍ଧାରଣ ନୀତିରେ ଦର୍ଶାଇଛନ୍ତି ଯେ, ଓଡିଶାରେ ଧାନ ଉତ୍ପାଦନ ଖର୍ଚ୍ଚ ଏହା ଠାରୁ ଢ଼େର କମ । ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୧ କୁଇଣ୍ଟାଲ ଧାନର ଉତ୍ପାଦନ ଖର୍ଚ୍ଚ ୨୩୪୪ ଟଙ୍କା ହେଉଛି । କେନ୍ଦ୍ର ସରକାର ନିର୍ବାଚନ ସମୟରେ ଧାନର ସହାୟକ ମୂଲ୍ୟ ଦେଢ଼ଗୁଣା ହେବ ଘୋଷଣା କରିଥିଲେ । ଏହି ହିସାବରେ ଚାଷୀ କୁଇଣ୍ଟାଲ ପିଛା ୩୫୧୬ ଟଙ୍କା ପାଇବା କଥା । କୃଷକ ନେତା ବିଧୂଭୂଷଣ ମହାପାତ୍ର କୁହନ୍ତି ଯେ, ସାଧାରଣ ଧାନ ଅପେକ୍ଷା ବିହନ ଧାନ ଉତ୍ପାଦନ ଲାଗି ଖର୍ଚ୍ଚ ୨୫ରୁ ୩୦ ପ୍ରତିଶତ ଅଧିକ । ଚାଷୀ ପିଣ୍ଡ ବିହନ ପାଇଁ ଅନ୍ୟୂନ ୪ ହଜାର ଟଙ୍କା କୁଇଣ୍ଟାଲ ପିଛା ପାଇବା ଆବଶ୍ୟକ । ତେବେ ସହଳ ଓ ସୁବାସିତ କିସମ ବିହନ ଧାନର ଦର କୁଇଣ୍ଟାଲ ପିଛା ୨୦୬୫ ଥିବା ବେଳେ ପ୍ରାମାଣିକ ଧାନ ବିହନ ମାତ୍ର ୨୦୧୫ ଟଙ୍କା ବୋଲି ଓଡିଶା ରାଜ୍ୟ ବିହନ ନିଗମ ସ୍ଥିର କରିଛି।

ସେହିପରି ମଧ୍ୟମ ଓ ବିଳମ୍ବିତ କିସମ ଧାନର ପିଣ୍ଡ ବିହନ ମୂଲ୍ୟ କୁଇଣ୍ଟାଲ ପିଛା ୧୯୮୭ ଟଙ୍କା ରଖା ଯାଇଥିବା ବେଳେ ପ୍ରାମାଣିକ ବିହନର ଦର ୧୯୩୬ ଟଙ୍କା ଅଛି । ଏଣୁ ଚାଷୀ ଧାନ ଫସଲ କରି ଲାଭ ପାଉନାହିଁ ।






























“ଫିଲ୍ମ ‘ବାଲା’ ବକ୍ସ ଅଫିସ୍‌ରେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରିବା ଲେଖକ ଓ ନିର୍ଦ୍ଦେଶକଙ୍କ ବିଜୟ।

-ୟାମି ଗୌତମ୍,
ବଲିଉଡ୍ ଅଭିନେତ୍ରୀ



# ଖୁବ୍‌ଶୀଘ୍ର ପଞ୍ଚମ ଧାମ



**ନୂଆଦିଲ୍ଲୀ:** ସନାତନ ଧର୍ମର ମୂଳସଂସ୍କୃତିକୁ ଯୋଡ଼ି ରଖିଛି ୪ ଧାମ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହାର ଗୁରୁତ୍ୱ କେତେ, ତାହା ଆକଳନ କରିବା ଏକରକମ ଅସମ୍ଭବ। ୧୪୦୦ବର୍ଷ ତଳେ ସନାତନ ଧର୍ମର ସୁରକ୍ଷା ପାଇଁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଦେଶର ଉତ୍ତର ପ୍ରାନ୍ତରେ ବଦ୍ରିନାଥ, ପଶ୍ଚିମରେ ଦ୍ୱାରକା, ପୂର୍ବରେ ଶ୍ରୀଜଗନ୍ନାଥ ଏବଂ ଦକ୍ଷିଣରେ ରାମେଶ୍ୱରମ୍ ଧାମ ସ୍ଥାପନ କରାଯାଇଥିଲା। ଏବେ ଏହାର ପରିସର ଅଧିକ ପରିବ୍ୟାପ୍ତ କରିବାକୁ ଭାରତୀୟ ମୂଳଭୂଖଣ୍ଡଠାରୁ ଦୂରରେ କାମ୍ବୋଡିଆରେ ୫ମ ଧାମର ପରିକଳ୍ପନା କରାଯାଇଛି। ପରିକଳ୍ପନା କରାଯାଇଥିବା ୫ମ ଧାମରେ ମହାଦେବଙ୍କ ୧୮୦ଫୁଟ ଉଚ୍ଚତାର ବିଶାଳ ମୂର୍ତ୍ତି ସ୍ଥାପନ କରାଯିବ। ଏଥିସହ ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ବୁଦ୍ଧଙ୍କ ପ୍ରତିମୂର୍ତ୍ତି ମଧ୍ୟ ପୂଜା ପାଇବେ।

ପଞ୍ଚମ ଧାମର ଆବଶ୍ୟକତା ସମ୍ପର୍କରେ ବରିଷ୍ଠ ଆର୍‌ଏସ୍‌ଏସ୍ ନେତା ତଥା ଟ୍ରଷ୍ଟ ସଦସ୍ୟ ଇନ୍ଦ୍ରେଶ କୁମାର କହିଛନ୍ତି, ଦକ୍ଷିଣପୂର୍ବ ଏସିଆର ପ୍ରମୁଖ ଦେଶ ଭିତରୁ କାମ୍ବୋଡିଆ ଅନ୍ୟତମ। ଏଠାକାର ମୋଟ ଜନସଂଖ୍ୟାର ୯୭% ବୌଦ୍ଧ ଧର୍ମାବଲମ୍ବୀ। ଏଠାରେ ପଞ୍ଚମ ଧାମର ପ୍ରତିଷ୍ଠା କରାଗଲେ ସନାତନ ଏବଂ ହିନ୍ଦୁ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ। ମନ୍ଦିର ଟ୍ରଷ୍ଟବୋର୍ଡର ମୁଖ୍ୟ ଗୁରୁଜୀ କୁମାରନ୍ ସ୍ୱାମୀ କୁହନ୍ତି, ଏହାର ନିର୍ମାଣରେ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ।

ସେ ଆହୁରି ମଧ୍ୟ କହିଛନ୍ତି, ବିଶ୍ୱର ସବୁଠାରୁ ବୃହତ୍ ହିନ୍ଦୁ ମନ୍ଦିର କମ୍ପ୍ଲେକ୍ସ ‘ଆଙ୍କରୱାଟ’ରେ ରହିଛି। ପରିକଳ୍ପିତ ପଞ୍ଚମ ଧାମଠାରୁ ଏହାର ଦୂରତା ୩୦ କିମି। ଦେଶବିଦେଶର ପର୍ଯ୍ୟଟକ, ଧର୍ମାବଲମ୍ବୀଙ୍କ ପାଇଁ ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ‘ଆଙ୍କରୱାଟ’ ମନ୍ଦିର ଆକର୍ଷଣ ସାଜିଛି। ଏଠାକୁ ଆସୁଥିବା ଯାତ୍ରୀମାନେ ୫ମ ଧାମକୁ ମଧ୍ୟ ପରିଦର୍ଶନ କରିବେ। ବିଦେଶରେ ଭାରତୀୟ ଧର୍ମସଂସ୍କୃତିର ପ୍ରଚାର ଲାଗି ପ୍ରଥରମଥର ପାଇଁ ଏପରି ଯୋଜନା କାର୍ଯ୍ୟକାରୀ କରାଯାଉଛି। କାମ୍ବୋଡିଆରେ ସ୍ଥାପିତ ହେବାକୁ ଥିବା ମନ୍ଦିର ଏହାର ଏକ ଅଂଶବିଶେଷ ବୋଲି ସେ କହିଛନ୍ତି।

# କାମ ବଦଳରେ କମ୍ପ୍ରୋମାଇଜ୍‌କୁ ନା



ମଞ୍ଜରୀ ଫଡ୍‌ନିସ

**ମୁମ୍ବାଇ:** ‘ରୋକ୍ ସକୋ ତୋ ରୋକ୍ ଲୋ’, ‘ଜାନେ ତୁ ୟା ଜାନେ ନା’ ଏବଂ ‘ଗ୍ରାଣ୍ଡ ମସ୍ତି’ ଭଳି ଫିଲ୍ମର ମୁଖ୍ୟ ନାୟିକା ମଞ୍ଜରୀ ଫଡ୍‌ନିସ ଏକ ବଡ଼ ଖୁଲାସା କରିଛନ୍ତି। ସେ ବଲିଉଡ୍‌ରେ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ କାଟିସାରିଲେଣି। ଏହି ସମୟ ମଧ୍ୟରେ ହିନ୍ଦୀ ବ୍ୟତୀତ ତେଲୁଗୁ, ମଲୟାଲମ୍, ତାମିଲ୍ ଏବଂ କନ୍ନଡ଼ ଫିଲ୍ମରେ ମଧ୍ୟ ସେ ଅଭିନୟ କରିଛନ୍ତି। ତେବେ ବଲିଉଡ୍‌ରେ ତାଙ୍କୁ କାମ ବଦଳରେ କମ୍ପ୍ରୋମାଇଜ୍ କରିବାର ସର୍ତ୍ତ ମିଳିବାରୁ ସେ କମର୍ଶିଆଲ୍ ବିଗ୍ ବଜେଟ୍ ଫିଲ୍ମରୁ ନିଜକୁ ଦୂରେଇ ନେଲେ ବୋଲି କହିଛନ୍ତି।

ମଞ୍ଜରୀ ନିଜ ଫିଲ୍ମ ‘ଇଣ୍ଟରଡିପେଣ୍ଡେସ୍’ ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମର ପ୍ରିମିୟର ଭାରତର ୫୦ତମ ଅନ୍ତଃରାଷ୍ଟ୍ରୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବ। ଏନେଇ ମଞ୍ଜରୀ ଏବେ ଗୋଆରେ ନିଜ ଫିଲ୍ମର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ଅବସରରେ ନିଜ ୧୫ବର୍ଷର କ୍ୟାରିୟର୍ ବିଷୟରେ ଆଲୋଚନା କରି ଏକ ଜାତୀୟ ଗଣମାଧ୍ୟମ ସାମ୍ନାରେ କିଛି ବଡ଼ ଖୁଲାସା କରିଛନ୍ତି ମଞ୍ଜରୀ। ସେ କହିଛନ୍ତି, କାମ ବଦଳରେ କମ୍ପ୍ରୋମାଇଜ୍ କରିବାକୁ ସର୍ତ୍ତ ରଖାଯିବାରୁ ସେ ଅନେକ ବଡ଼ ବଡ଼ ନିର୍ଦ୍ଦେଶକ ଏବଂ ଷ୍ଟାର୍‌ଙ୍କ ସହ କାମ କରିବାକୁ ମନା କରିଦେଇଥିଲେ ଏବଂ କିଛି ପ୍ରଯୋଜକ ତାଙ୍କୁ ଭଲ ଭଲ ଫିଲ୍ମରୁ ଏହି କାରଣ ଲାଗି ବାହାର କରିଦେଇଥିଲେ। ନିଜ ଟ୍ୟାଲେଣ୍ଟ ଉପରେ ଭରସା ରଖି ସେ ଚୁପ୍‌ଚାପ୍ ରାସ୍ତା ବଦଳାଇଦେଇଥିଲେ କିନ୍ତୁ କମ୍ପ୍ରୋମାଇଜ୍ କରି ନ ଥିଲେ ବୋଲି କହିଛନ୍ତି। ନିର୍ଦ୍ଦେଶକ, ପ୍ରଯୋଜକମାନେ ଖୋଲାଖୋଲି କମ୍ପ୍ରୋମାଇଜ୍ କଥା ରଖିବାରୁ ସେ ବିଗ୍ ବଜେଟ୍ କମର୍ସିଆଲ୍ ଫିଲ୍ମ ଦୁନିଆରୁ ନିଜକୁ ଦୂରେଇନେଲେ ବୋଲି କହିଛନ୍ତି। ଏଥିପାଇଁ ଦୀର୍ଘ ସମୟ ଧରି ସେ ଡିପ୍ରେଶନରେ ମଧ୍ୟ ଥିଲେ। ତେବେ ବଲିଉଡ୍‌ରେ ଜବରଦସ୍ତି ହୁଏ ନାହିଁ କିନ୍ତୁ ବଲିଉଡ୍‌ର ସତ ହେଲା, ଏଠାରେ କମ୍ପ୍ରୋମାଇଜ୍ ହୁଏ ବୋଲି ମଞ୍ଜରୀ କହିଛନ୍ତି। ଅନ୍ୟପକ୍ଷେ ଜାତୀୟସ୍ତରୀୟ ଚଳଚ୍ଚିତ୍ର ମହୋତ୍ସବରେ ନିଜ ଫିଲ୍ମର ପ୍ରିମିୟର ପ୍ରଦର୍ଶିତ ହେବା ନେଇ ମଞ୍ଜରୀ ଖୁବ୍ ଉତ୍ସାହିତ ଅଛନ୍ତି।



# ସଫଳତା ପରେ ଫି’ ବଢ଼ାଇଲେ ହ୍ରିତିକ୍

**ମୁମ୍ବାଇ:** ବଲିଉଡ୍ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନଙ୍କ ପାଇଁ ୨୦୧୯ ଅନେକ ସଫଳତା ଆଣିଦେଇଛି। ବର୍ତ୍ତମାନ ସୁଦ୍ଧା ନିଜ କ୍ୟାରିୟରର ସବୁଠାରୁ ବଡ଼ ଦୁଇଟି ଫିଲ୍ମ କରି ସେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଫିଲ୍ମ ‘ସୁପର୍-୩୦’ରେ ତାଙ୍କ ପରିଶ୍ରମ ଅଭିନୟରେ ଝଲସିଥିଲା। ସେହିପରି ଫିଲ୍ମ ‘ୱାର୍’ ବକ୍ସ-ଅଫିସ୍‌ରେ ଧମାଲ୍ ମଚାଇଦେଲା। ଏହାସହ ବକ୍ସ-ଅଫିସ୍ ୧୦୦, ୨୦୦ ଏବଂ ୩୦୦ କୋଟି କ୍ଲବ୍‌ରେ ହ୍ରିତିକ୍‌ଙ୍କ ନାଁ ଯୋଡ଼ିହୋଇଗଲା। କେବଳ ବ୍ୟବସାୟିକ ଦୃଷ୍ଟିକୋଣରୁ ନୁହେଁ, ଅଭିନୟ ଦୃଷ୍ଟିରୁ ମଧ୍ୟ ହ୍ରିତିକ୍ ୨୦୧୯ରେ ଖୁବ୍ ପ୍ରଶଂସା ସାଉଁଟିଲେ। ଏଭଳି ଦୁଇଟି ସୁପରହିଟ୍ ଫିଲ୍ମ କରିବା ପରେ ହ୍ରିତିକ୍ ଏବେ ନିଜ ଫି’ ବଢ଼ାଇଦେଇଥିବା ଶୁଣିବାକୁ ମିଳିଛି। ଇମ୍ତିଆଜ୍ ଅଲୀ, ଆନନ୍ଦ ଏଲ୍. ରାୟ, ସଞ୍ଜୟ ଲୀଳା ଭନ୍‌ସାଲୀ, ଆଦିତ୍ୟ ଚୋପ୍ରା, ଫାରାହ୍ ଖାନ୍, ସାଜିଦ୍ ନାଦିଆଦ୍‌ୱାଲା ଏବଂ କରଣ ଜୋହରଙ୍କ ଭଳି ବଲିଉଡ୍‌ର ନାମୀଦାମୀ ନିର୍ଦ୍ଦେଶକମାନଙ୍କ ସହ କାମ କରିବାକୁ ହ୍ରିତିକ୍ ହେଭି ଫି’ ଡିମାଣ୍ଡ କରୁଥିବା ଚର୍ଚ୍ଚା ହେଉଛି। ତେବେ ହ୍ରିତିକ୍ ନିଜ ଫି’ କେତେ ପ୍ରତିଶତ ବଢ଼ାଇଛନ୍ତି ସେନେଇ ଠିକ୍ ତଥ୍ୟ ଜଣାପଡ଼ି ନ ଥିଲେ ମଧ୍ୟ ହାଇପେଡ୍ ଆକ୍ଟରଙ୍କ ଭଳି ହ୍ରିତିକ୍‌ଙ୍କ ଡିମାଣ୍ଡ ରହିଥିବା ଆଲୋଚନା ହେଉଛି। ଏପରି କି ସେ ନିଜ ସମସ୍ତ ନୂଆ ଫିଲ୍ମ ସହିତ ପୁରୁଣା ଫିଲ୍ମର ସିକ୍ୱେଲ୍ କରିବାକୁ ମଧ୍ୟ ବର୍ଦ୍ଧିତ ଫି’ ହିଁ ଲାଗୁ କରିବେ ବୋଲି ଜଣାପଡ଼ିଛି। ତେବେ ହ୍ରିତିକ୍ ବଲିଉଡ୍‌ରେ ପ୍ରଥମ କଳାକାର ନୁହନ୍ତି, ତାଙ୍କ ପୂର୍ବରୁ ଅନେକ କଳାକାର ସଫଳତା ପାଇବା ପରେ ନିଜର ହାଇ-ଡିମାଣ୍ଡ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକଙ୍କ ସାମ୍ନାରେ ରଖିଛନ୍ତି। ହ୍ରିତିକ୍‌ଙ୍କ ପୂର୍ବରୁ କାର୍ତ୍ତିକ ଆର୍ୟନ ଏବଂ ଆୟୁଷ୍ମାନ୍ ଖୁରାନା ମଧ୍ୟ ନିଜର ଫି’ ବଢ଼ାଇଛନ୍ତି।

# ୩୭ ହଜାର ଫୁଟ୍ ଉପରେ ବାହାଘର



ସାକ୍ଷୀ ରହିଲେ ବିମାନ ଯାତ୍ରୀ

**ମେଲବୋର୍ନ:** ବାହାଘରକୁ ଅବିସ୍ମରଣୀୟ କରିବା ସକାଶେ ଭୂମିରୁ ୩୭ ହଜାର ଫୁଟ ଉପରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଦମ୍ପତି। ସିଡ୍‌ନୀରୁ ଅକ୍‌ଲାଣ୍ଡ ଯାଉଥିବା ଏକ ଫ୍ଲାଇଟରେ ନ୍ୟୁଜିଲାଣ୍ଡର କୈଥୀ ଓ ଅଷ୍ଟ୍ରେଲିଆର ଡେଭିଡ୍ ଭେଲିଏଣ୍ଟ ବିବାହ କରିଥିବା ଘଟଣା ଏବେ ନଜରକୁ ଆସିଛି। ଫ୍ଲାଇଟ୍ ଟେକ୍ ଅଫ୍ କରିବା ପରେ ଡେଭିଡ୍ କୈଥୀଙ୍କୁ ପ୍ରପୋଜ୍ କରିଥିଲେ। ଏହାପରେ ଫ୍ଲାଇଟ୍‌ଟି ଅଧାରାସ୍ତାରେ ପହଞ୍ଚିବା ପରେ ବିବାହ ବିଧି ଆରମ୍ଭ ହୋଇଥିଲା। ଦମ୍ପତିଙ୍କ ଇଚ୍ଛା ମୁତାବକ ଏୟାରଲାଇନ୍ସ ପକ୍ଷରୁ ବାହାଘର ପାଇଁ ସମସ୍ତ ଆୟୋଜନ କରାଯାଇଥିଲା, ମାତ୍ର ଏ ନେଇ ସେମାନଙ୍କଠାରୁ କିଛି ଶୁଳ୍କ ନିଆଯାଇ ନ ଥିବା ଜଣାପଡ଼ିଛି। ବିମାନରେ ଥିବା ଅନ୍ୟ ଯାତ୍ରୀମାନେ ବାହାଘରର ସାକ୍ଷୀ ହୋଇଥିଲେ। ଏ ନେଇ ନବବଧୂ କୈଥୀ କହିଛନ୍ତି, ୨୦୧୩ରେ ସିଡ୍‌ନୀ ବିମାନବନ୍ଦରରେ ଡେଭିଡ୍‌ଙ୍କ ସହ ଦେଖାହୋଇଥିଲା। ବିମାନରେ ଯାତ୍ରା କରିବା ପ୍ରତି ଉଭୟଙ୍କର ଭଲ ପାଇବା ହିଁ ଆମକୁ ଏକାଠି କରିଛି। ଏଥିସହ ବିମାନରେ ବିବାହ କରିବାର ଇଚ୍ଛା ପୂରଣ ହେବା ସହ ଏହା ଖୁବ୍ ସୁନ୍ଦର ମୁହୂର୍ତ୍ତ ଥିଲା ବୋଲି କୈଥୀ କହିଛନ୍ତି। ତେବେ ବିମାନରେ ଯାତ୍ରା କରୁଥିବା ଅନ୍ୟ ଯାତ୍ରୀମାନଙ୍କୁ ପୂର୍ବରୁ ଏ ନେଇ ଇ-ମେଲ୍ ଯୋଗେ ସୂଚନା ଦିଆଯାଇଥିଲା। ଯଦି କେହି ଏହି କାରଣରୁ ବିମାନ ବଦଳାଇବାକୁ ଚାହାନ୍ତି, ତା’ହେଲେ ସେମାନଙ୍କଠାରୁ କୌଣସି ଅତିରିକ୍ତ ଶୁଳ୍କ ନିଆଯିବ ନାହିଁ ବୋଲି ଏୟାରଲାଇନ୍ସ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ।

# ମୁସଲମାନଙ୍କୁ ପଢ଼ାନ୍ତି ସଂସ୍କୃତ

**ବଡୋଦରା:** ଦେବ ଭାଷା ସଂସ୍କୃତରେ ପାଣ୍ଡିତ୍ୟ ଅର୍ଜନ କରିବାରେ କୋଣସି ସମ୍ପ୍ରଦାୟ ବାଧକ ସାଜେନି ବୋଲି ପ୍ରମାଣ କରିଛନ୍ତି ଗୁଜରାଟ ବଡ଼ୋଦରାର ଜଣେ ସଂସ୍କୃତ ଶିକ୍ଷକ। ଶିକ୍ଷା ଯେକୌଣସି ସମ୍ପ୍ରଦାୟର ବ୍ୟକ୍ତି ଦେବା ଲାଗି ଯୋଗ୍ୟ ଯାହା ପ୍ରମାଣ କରିଛନ୍ତି ଏହି ଶିକ୍ଷକ ଜଣକ। ମୁସଲମାନ ସମ୍ପ୍ରଦାୟର ଏହି ସଂସ୍କୃତ ଶିକ୍ଷକଙ୍କ ନାମ ଆବିଦ୍ ସୟଦ। ସେ ଏକ ସଂସ୍କୃତସ୍କୁଲ୍‌ରେମୁସଲମାନ ପିଲାମାନଙ୍କୁ ସଂସ୍କୃତ ପଢାନ୍ତି। ସ୍କୁଲରେ ନା ପିଲା ନା ଶିକ୍ଷକ କାହାକୁ କୌଣସି ବିରୋଧର ସମ୍ମୁଖୀନ ହେବାକୁ ପଡିନାହିଁ। ଆବିଦଙ୍କ ବୟସ ୪୬। ସେ ୨୨ ବର୍ଷ ହେବ ଏମ୍‌ଇଏସ୍ ବୟଜ ହାଇସ୍କୁଲ୍‌ରେ ସଂସ୍କୃତ ପଢାଇଆସୁଛନ୍ତି। ସେ କହନ୍ତି, ଶିକ୍ଷାରେ କୌଣସି ସମ୍ପ୍ରଦାୟତା ନାହିଁ। ଯେ କୌଣସି ବ୍ୟକ୍ତି ଶିକ୍ଷାଦାନ କରିପାରିବେ। ଆବିଦ ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ଓ ଇଂଲିଶ୍‌ରେ ସ୍ନାତକୋତ୍ତର ହାସଲ କରିଛନ୍ତି। ସେ ମଧ୍ୟ ସ୍କୁଲ୍‌ରେ ସଂସ୍କୃତ ଶ୍ଳୋକ ପଢନ୍ତି। ୧୯୯୮ରୁ ଆବିଦ ସ୍କୁଲରେ ସଂସ୍କୃତ ପଢାଇ ଆସୁଛନ୍ତି। ପିଲାମାନେ ସ୍କୁଲରେ ଆବିଦଙ୍କ ପଢାଶୈଳୀରେ ପ୍ରଭାବିତ ବି ହେଉଛନ୍ତି। ଏବେ ସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି ୧୬୬ ଜଣ ଛାତ୍ର। ଏମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲ୍‌ମାନ ଛାତ୍ର ଓ ଏମାନେ ସଂସ୍କୃତ ବି ପଢୁଛନ୍ତି। ଏମିତି କି ସେହି ସ୍କୁଲ୍‌ରୁ ଦଶମ ପରୀକ୍ଷାରେ ଆବିଦ୍‌ଙ୍କ ଝିଅ ଇଜାମା ବାନୁ ସଂସ୍କୃତରେ ୯୮ ପ୍ରତିଶତ ନମ୍ବର ରଖି ପାସ କରିବା ପରେ ଏବେ ବଡୋଦରା ମେଡିକାଲ କଲେଜରେ ପଢୁଛନ୍ତି। ସେଠାରେ ପଢୁଥିବା ମୁସଲମାନ ପିଲା ସଂସ୍କୃତ ଶ୍ଳୋକ ପଢିବା ସହ ଏହି ଭାଷାରେ ମଧ୍ୟ କଥା ବାର୍ତ୍ତା କରି ପାରୁଛନ୍ତି।

ଆଦର୍ଶ ଶିକ୍ଷକ ଆବିଦ୍ ସୟଦ



# ହୋଟେଲରେ ଯାଆଁଳା ଭଉଣୀଙ୍କ ଭିଡ଼

**ମସ୍କୋ:** ରୁଷିଆର ରାଜଧାନୀ ସହର ମସ୍କୋରେ ରହିଛି ଏକ ହୋଟେଲ। ଏଠାରେ ଖାଦ୍ୟ ପରଷୁଥିବା ସମସ୍ତ କର୍ମଚାରୀ ମହିଳା ଏବଂ ଯାଆଁଳା। ହୋଟେଲ ପକ୍ଷରୁ ଯାଆଁଳା ଭଉଣୀମାନଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥାଏ। ନିୟମ ଅନୁସାରେ କେବଳ ଯାଆଁଳା ଝିଅମାନଙ୍କୁ ଏଠାରେ ଚାକିରି ମିଳିଥାଏ। ଏହି ହୋଟେଲ ହେଉଛି ‘ଦି ଟୁଇନ୍ ଷ୍ଟାର୍ ଡିନର୍’। ହୋଟେଲରେ ଖାଦ୍ୟ ଖାଇବା ପାଇଁ ତିନି ମାସ ଆଗରୁ ବୁକିଂ କରିବାକୁ ପଡ଼ିଥାଏ। ଦେଶ ବିଦେଶରୁ ପର୍ଯ୍ୟଟକ ହୋଟେଲର ଯାଆଁଳା ଭଉଣୀମାନଙ୍କୁ ଦେଖିବାକୁ ଆସିଥାନ୍ତି। ଯାଆଁଳା ମହିଳା କର୍ମଚାରୀଙ୍କୁ ନେବା ଆଣିବା କରିବା ପାଇଁ ହୋଟେଲ ପକ୍ଷରୁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା ରହିଛି। ଏହି ବସ୍ ରାସ୍ତାରେ ଗଲାବେଳେ ଲୋକମାନେ ଯାଆଁଳା ଯୋଡ଼ାଙ୍କୁ ଦେଖିବାକୁ ମଧ୍ୟ ଭିଡ଼ ଜମାଇଥାନ୍ତି।



# ବୃଦ୍ଧ ଦମ୍ପତିଙ୍କ ପ୍ରେମ ଭାଇରାଲ




**ମୁମ୍ବାଇ:** ଆଜିକାଲି ସୋସିଆଲ ମିଡିଆ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ଉଭାହୋଇଛି। ବିଶେଷ କରି ଯୁବପିଢ଼ି ନିଜର ଭାବନା ନିଃସଙ୍କୋଚରେ ସୋସିଆଲ ମିଡିଆ ମାଧ୍ୟମରେ ବ୍ୟକ୍ତ କରିପାରୁଛନ୍ତି। ତେବେ ଏଭଳି କିଛି ଭାବନା ତଥା ମତାମତ ସୋସିଆଲ୍ ମିଡିଆରେ ଭାଇରାଲ ହେବାକୁ ବେଶି ସମୟ ନେଇ ନ ଥାଏ। ନିକଟରେ ସୋସିଆଲ ମିଡିଆରେ ଭାଇରାଲ ଏକ ଫଟୋ ବିଷୟରେ ଆଜି ଆମେ ଆପଣଙ୍କୁ କହିବୁ, ଯାହା ସଂଯୋଗବଶତଃ କିପରି ରାତାରାତି ଅନେକ ଯୁବପିଢ଼ିଙ୍କୁ ପସନ୍ଦ ମଧ୍ୟ ଆସିପାରିଛି। ପ୍ରେମ କରିବାରେ ବୟସ ବାଧା ସୃଷ୍ଟି କରିପାରେ ନାହିଁ। ବୟସର ଶେଷ ପାହାଚରେ ମଧ୍ୟ ପ୍ରେମୀଯୁଗଳ ପରସ୍ପରକୁ ଚିରନ୍ତନ ପ୍ରେମର ଆନନ୍ଦ ଯୋଗାଇଦେଇପାରିବେ। ସୁଖ, ଦୁଃଖ ବାଣ୍ଟିପାରିବେ। ପରସ୍ପରକୁ ଦେଇଥିବା ଆଜୀବନ ପ୍ରେମ କରିବାର ପ୍ରତିଶ୍ରୁତି ରକ୍ଷା କରିପାରିବେ। ଏହାର ପରିଭାଷାକୁ ବୁଝାଉଥିବା ଭଳି ଏକ ଫଟୋ ନିକଟରେ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି। ଫଟୋଟି ଟୁଇଟର୍ ୟୁଜର୍ ଋଷି ବାଗ୍ରୀ ପ୍ରଥମେ ଶେୟାର କରିଥିଲେ। ଋଷି ଶେୟାର କରିଥିବା ଫଟୋଟି କୋଲକାତାର ଏକ ଦମ୍ପତିଙ୍କର। ଗତ ୨୧ ତାରିଖରେ କୋଲକାତା ମେଟ୍ରୋରେ ଫଟୋ ଉଠାଇ ଋଷି ଏହି ସୋସିଆଲ୍ ମିଡିଆରେ ପୋଷ୍ଟ କରିଥିଲେ। ଫଟୋରେ ଜଣେ ବୃଦ୍ଧା ମହିଳା ତାଙ୍କ ସ୍ୱାମୀଙ୍କ ବେକରେ ମଫ୍‌ଲର୍ ବାନ୍ଧୁଥିବା ଦେଖିବାକୁ ମିଳିଛି। ଅତି ଯତ୍ନର ସହ ମହିଳା ଜଣକ ସ୍ୱାମୀଙ୍କୁ ଶୀତଦାଉରୁ ରକ୍ଷା କରିବାକୁ ମଫ୍‌ଲର୍ ବାନ୍ଧୁଥିବାବେଳେ ଫଟୋଟି ଋଷି ଉଠାଇ ସୋସିଆଲ ମିଡିଆରେ ଶେୟାର କରିଥିଲେ। ତେବେ ଫଟୋଟି ବାବଦରେ ସବୁଠାରୁ ମଜାଦାର କଥା ହେଲା, ଦମ୍ପତିଙ୍କ ପଛରେ ଲାଗିଥିବା ଏକ ବିଜ୍ଞାପନ, ଯେଉଁଥିପାଇଁ ଫଟୋଟି ଆଜି ଏତେ ଭାଇରାଲ୍ ହୋଇପାରିଛି। ପ୍ରକୃତରେ ଦମ୍ପତିଙ୍କ ପରସ୍ପର ପ୍ରତି ପ୍ରେମର ଆଦାନପ୍ରଦାନ ବେଳେ ଉଠାଯାଇଥିବା ଏହି ଫଟୋରେ ଦମ୍ପତିଙ୍କ ପଛପଟେ ଏକ ବିଜ୍ଞାପନର ଟ୍ୟାଗ୍ ଲାଇନ୍ ଲେଖାଥିବା ଦେଖିବାକୁ ମିଳିଛି। ଏକ ବୀମା କମ୍ପାନୀର ବିଜ୍ଞାପନ ଟ୍ୟାଗ୍ ‘ଖୁସିୟୋଁ କି ସୁରୱାତ୍, ଔର୍ ଜିନ୍ଦଗୀ ଭର୍ କା ସାଥ୍’ ଲେଖାହୋଇଛି, ଯାହା ଏହି ଫଟୋଟି ପାଇଁ ଯଥାର୍ଥ କ୍ୟାପ୍‌ଶନ ସଦୃଶ। ବାସ୍ ଏହି ଦୁଇଟି କଥାକୁ ମିଳାଇ ଫଟୋଟି ସୋସିଆଲ୍ ମିଡିଆରେ ଏବେ ୟୁଜର୍ସଙ୍କ ପ୍ରଥମ ପସନ୍ଦ ପାଲଟିଛି ଓ ଭାଇରାଲ୍ ହେଉଛି। ବୃଦ୍ଧ ଦମ୍ପତିଙ୍କ ପ୍ରେମଭରା ଏହି କ୍ଷଣିକ ମୁହୂର୍ତ୍ତ ଆଜିର ଯୁବପିଢ଼ିଙ୍କୁ ପ୍ରେମର ପ୍ରକୃତ ଭାଷା ବୁଝାଉଛି ବୋଲି ସୋସିଆଲ୍ ମିଡିଆରେ ମତ ଆସୁଛି।

# ଦିବ୍ୟକୁଣ୍ଡରେ ଗାଧୋଇଲେ ଦୃଷ୍ଟିଶକ୍ତି ଫେରିଆସେ

**ଜୟପୁର:** ଆଖିର ମହତ୍ତ୍ୱ ପୂର୍ଣ୍ଣ ଭୂମିକା ରହିଆସିଛି। ଆଖିଠାରୁ ଭଳି ସାଖି ନାହିଁ ବୋଲି ମଧ୍ୟ କୁହାଯାଏ। ଦୃଷ୍ଟିହୀନମାନେ ନିଜ ଆଖିକୁ ନେଇ ଏବେ ବ୍ୟସ୍ତ ହେବାର କିଛି ନାହିଁ। ସେମାନଙ୍କ ଦୃଷ୍ଟିଶକ୍ତି ଫେରି ଆସିବାର ସମ୍ଭାବନା ଅଛି। ରାଜସ୍ଥାନରେ ପ୍ରଭୁ ରାମଦେବ ବାବାଙ୍କ ମନ୍ଦିର ରହିଛି । ଯୋଧପୁରର ମସୁରିୟା ଅଞ୍ଚଳରେ ଥିବା ଏହି ମନ୍ଦିର ପରିସରରେ ରହିଛି ଏକ ଦିବ୍ୟ କୁଣ୍ଡ। ଏହାକୁ ଲୋକେ ପରଚା ନାଡ଼ି କୂଅ କହିଥାନ୍ତି। ଏଥିରେ ଗାଧୋଇଲେ ଦେଖିପାରୁ ନ ଥିବା ଲୋକଙ୍କର ମଧ୍ୟ ଦୃଷ୍ଟିଶକ୍ତି ଫେରିଆସେ ବୋଲି ବିଶ୍ୱାସ ରହିଛି। ଲୋକେ କୁହନ୍ତି, କୁଣ୍ଡ ପାଣିରେ ଗାଧୋଇଲେ ସମସ୍ତ ପ୍ରକାର ବ୍ୟାଧିରୁ ମୁକ୍ତି ମିଳେ। ଏହା ସହିତ ପ୍ରେତାତ୍ମା ପ୍ରଭାବରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ସ୍ଥାନୀୟ ବାସିନ୍ଦା କୁହନ୍ତି। ପ୍ରତିବର୍ଷ ଶୀତଋତୁରେ ଏଠାରେ ବଡ଼ ମେଳା ହୋଇଥାଏ। ମେଳାରେ ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଯୋଗ ଦେଇଥାନ୍ତି। କୁଣ୍ଡରେ ଗାଧୋଇବା ସହିତ ଲୋକେ ଏହାର ପବିତ୍ର ପାଣି ବୋତଲରେ ଘରକୁ ନେଇଥାନ୍ତି।



# ବାଳକ ବର


ରୁଦ୍ର ପ୍ରସନ୍ନ ରଥ

ବାଲ୍ୟବିବାହ ଏକ ସାମାଜିକ କୁପ୍ରଥା ବୋଲି ଆମେ ସମସ୍ତେ ଜାଣିଛେ। ବାଲ୍ୟ ବିବାହ ପରି ଏକ ଘୃଣ୍ୟ ପ୍ରଥାକୁ ରୋକିବାକୁ ଯାଇ ଦୀର୍ଘଦିନରୁ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ବ୍ୟାପକ ପ୍ରଚେଷ୍ଟା ଚାଲିଥିଲେ ବି ଏ ଯାଏ ଆମେ ବାଲ୍ୟ ବିବାହକୁ ରୋକିବାକୁ ସଫଳ ହୋଇପାରିନାହେଁ। ଯଦିଓ ଓଡ଼ିଶା ଏବଂ ଭାରତରେ ଏହି ବାଲ୍ୟବିବାହର ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇଚାଲିଛି ତେବେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଆହୁରି ଅନେକ ବର୍ଷ ଲାଗିଯିବ। ତେବେ ବାଲ୍ୟ ବିବାହ ବିଷୟରେ ଆଲୋଚନା କରିବା ବେଳେ ଆମେ ଅନେକ ସମୟରେ ଏଥିରେ ବାଳକଟିଏ ବି ବରବେଶରେ ଥାଏ ଏବଂ ଏହି ବିବାହ ତାକୁ ମଧ୍ୟ ବେଶ୍ ଗଭୀର ଭାବେ ପ୍ରଭାବିତ କରେ ଏ କଥା ଆଲୋଚନା କରିବାକୁ ଭୁଲିଯାଉ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ଆକଳନ (ଏନ୍ଏଫ୍ଏଚ୍ଏସ୍-୪) ଅନୁସାରେ ବାଲ୍ୟ ବିବାହ ହେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ସ୍ଥିତି ୧୩ତମ ଓ ଓଡ଼ିଶାରେ ଘଟୁଥିବା ମୋଟ ବିବାହର ୨୧.୩ ପ୍ରତିଶତ ହେଉଛି ବାଲ୍ୟ ବିବାହ। ରାଜ୍ୟ ସରକାର କେବଳ ୨୦୧୮ ମସିହାରେ ହିଁ ୪୧୧ଟି ବାଲ୍ୟ ବିବାହ ରୋକିବାରେ ସଫଳ ହୋଇଛନ୍ତି। ଅନେକ କ୍ଷେତ୍ରରେ ନ ମାନିଲେ ବି ବିଶ୍ୱର ବିଭିନ୍ନ ଦେଶରେ ଯେ ବାଲ୍ୟ ବିବାହ ହେଉଛି ତାହା ବେଶ୍ ସହଜରେ କୁହାଯାଇପାରିବ। କେଉଁଠି ସାମାଜିକ ରୀତିନୀତିର ଦ୍ୱାହି ଦେଇ ତ ଆଉ କେଉଁଠି ପରିବାରରେ ରୋଗଣା ସଦସ୍ୟର ଶେଷ ଇଚ୍ଛାକୁ ପୂରଣ କରିବାକୁ ଯାଇ ଏହି ବିବାହକୁ ଆବଶ୍ୟକ ଜାମା ପିନ୍ଧାଇଦିଆଯାଏ। ବାଳକଟିଏ ନିଜ ଅଜାଣତରେ ବାଳକ ବରରେ ପରିଣତ ହୋଇଥାଏ।

ଭାରତ ପରି ଅନେକ ଦେଶରେ ପୁରୁଷମାନଙ୍କର ବିବାହ ପାଇଁ ଆଇନଗତ ଭାବେ ବୟସ ଧାର୍ଯ୍ୟ କରାଯାଇଛି। ଭାରତରେ ଏହି ବୟସ ସୀମା ୨୧ ବର୍ଷରୁ ଅଧିକ ରଖାଯାଇଛି। ତଥାପି ୨୦୧୦ ମସିହା ବେଳକୁ ବିଶ୍ୱରେ ୨୩ଟି ଦେଶ ଥିଲେ, ଯେଉଁଠି ୧୮ ବର୍ଷରୁ କମ୍ ବୟସର ବାଳକ ବିବାହ କରିପାରିବ ବୋଲି ନିୟମ ଥିଲା। ୟୁନିସେଫ ଦ୍ୱାରା ନିକଟରେ ୮୨ଟି ଦେଶରୁ ନେଇ ପ୍ରସ୍ତୁତ ବିଶ୍ଳେଷଣ ଅନୁଯାୟୀ ଏବେ ବିବାହିତ ଥିବା ଲୋକଙ୍କ ମଧ୍ୟରୁ ପାଖାପାଖି ୧୧.୫ କୋଟି ପୁରୁଷ ବାଳକ ଥିବା ସମୟରେ ହିଁ ବିବାହ କରିଥିଲେ। ଆଉ ଏମାନଙ୍କ ମଧ୍ୟରୁ ୨.୩ କୋଟି ପୁଅଙ୍କ ବିବାହ ସେମାନଙ୍କୁ ୧୫ ବର୍ଷ ହେବା ପୂର୍ବରୁ ହିଁ ହୋଇଥିଲା। ମଧ୍ୟଆଫ୍ରିକା, ନିକାରାଗୁଆ, ମାଲି ଆଉ ମାଡାଗାସ୍କର ପରି ଦେଶରେ ହିଁ ଏହି ବାଳକ ବରଙ୍କ ସଂଖ୍ୟା ଅଧିକ।

୧୮ ବର୍ଷରୁ କମ୍ ବାଳକଟିଏ ପାଦରେ ଅଳତା ଲଗାଇ, ମୁଣ୍ଡରେ ପଗଡି ପିନ୍ଧି ସମାଜର ଦାୟରେ ବର ବେଶ ଧାରଣ କରିଥାଏ। ସାଙ୍ଗମାନଙ୍କ ଗହଣରେ ଝିଅଟିଏକୁ ବୋହୂକରି ଆଣିବା ପାଇଁ ବାହାରିପଡ଼େ ସିନା, ସତରେ କ'ଣ ସେ ବାହାଘରର ଅର୍ଥ ବୁଝିଥାଏ। ସେ ଜାଣି ନ ଥାଏ ଯେ ତା' ଅଜାଣତରେ ତା'ର ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଛି। ଶାରୀରିକ, ଆର୍ଥିକ ଏବଂ ଭାବନାତ୍ମକ ଦୃଷ୍ଟିରୁ ତଥାପି ପରିଣତ ସଶକ୍ତ ହୋଇ ନ ଥିବା ବାଳକଟି ଜାଣିପାରେ ନାହିଁ ଯେ ଜୀବନ ସଂଗ୍ରାମରେ ଏବେ ତାକୁ ସାଥୀଟିଏ ମିଳିଗଲା ସିନା ହେଲେ ଯାହାକୁ ସେ ହାତ ଧରି ଘରକୁ ଆଣିଛି ତା'ର ଆର୍ଥିକ ଏବଂ ସାମାଜିକ ଆବଶ୍ୟକତା ପୂରଣ କରିବାରେ ସେ ବିଫଳ ବୋଲି। କେବେ ସେ ପାଠପଢ଼ା ଛାଡ଼ି ମୂଲ ଲାଗିବାକୁ ବାହାରିଯାଏ ତ କେତେବେଳେ କାମ ଅନ୍ୱେଷଣରେ ଦାଦନ ଶ୍ରମିକ ପାଲଟି ଦେଶାନ୍ତର ହୋଇଯାଏ। ଅନେକ ସମୟରେ ଏତେ କମ୍ ବୟସରେ ପାରିବାରିକ ଚାପକୁ ସମ୍ଭାଳି ନ ପାରି ବାଳକ ବରଟି ଘରୋଇ ହିଂସାରେ ଲିପ୍ତ ହୋଇଯାଏ। ପାଠପଢ଼ା ଛାଡି ଶିଶୁ ଶ୍ରମିକ ହୋଇ ତଥାପି ବି ଯଦି ଘରୋଇ ଆବଶ୍ୟକତା ନ ମେଣ୍ଟେ ସେ ନିଜକୁ ମଦ କିମ୍ବା ଡ୍ରଗ୍ସ ପରି ନିଶାଦ୍ରବ୍ୟ ହାତରେ ଟେକିଦିଏ। ଏତେ ସତ୍ତ୍ୱେ ବି ବାଳକ ବର ହେବାର କଷ୍ଟ କାହାକୁ ଦେଖାଯାଏ ନାହିଁ। ଯେହେତୁ ପୁରୁଷ କାନ୍ଦି ପାରେନି, ଖୋଲିକରି ନିଜ କଷ୍ଟ କାହାକୁ କହିପାରେନି, ତେଣୁ ତା'ର ଦୁଃଖ ଉପରେ କାହାର ନଜର ବି ପଡ଼େନି।

ଏ ଯାଏ ସରକାରଙ୍କ ତରଫରୁ ବାଲ୍ୟ ବିବାହକୁ ରୋକିବା ପାଇଁ ନିଆଯାଇଥିବା ସମସ୍ତ ନିଷ୍ପତ୍ତି ବି ମହିଳାକୈନ୍ଦ୍ରିକ ବୋଲି ଜଣାପଡ଼େ। କମ୍ ବୟସରେ ବିବାହକୁ ମନାକରୁଥିବା ଝିଅମାନଙ୍କ ପାଇଁ ସରକାରଙ୍କର ଅନେକ ବ୍ୟବସ୍ଥା ଅଛି। ମାତ୍ର ପୁଅମାନଙ୍କ ପାଇଁ ଏପରି ବ୍ୟବସ୍ଥା ନାହିଁ। ଏହା ହିଁ ବୈଷମ୍ୟକୁ ଜନ୍ମ ଦେଉଛି। ଅଳ୍ପ ବୟସରେ ବାହା ହେଉଥିବା ବାଳକମାନଙ୍କୁ ବାହା ଦେବାକୁ ରୋକିବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଦରକାର। ଯଦି ଏହା ଘଟିବାକୁ ସମୟ ଲାଗୁଛି, ତେବେ ସେ କ୍ଷେତ୍ରରେ କମ୍ ବୟସରେ ବିବାହ କରିସାରିଥିବା ଦମ୍ପତିଙ୍କୁ ଆଣି ପରିବାର ନିୟୋଜନ, ଘରୋଇ ହିଂସା, ମାଦକ ଦ୍ରବ୍ୟ ସେବନକୁ ରୋକିବା ଉପରେ ତାଲିମ୍ ଦେବା ଆବଶ୍ୟକ। ପୁଣି ଏହି ବାଳକ ବରମାନଙ୍କର ଦକ୍ଷତା ବିକାଶ କରାଇ ସେମାନଙ୍କୁ ଚାକିରି ପାଇଁ ଯୋଗ୍ୟ କରାଯିବା ମଧ୍ୟ ଆବଶ୍ୟକ। ଆବଶ୍ୟକ ପଡ଼ିଲେ ଏମାନଙ୍କ ପାଇଁ ଶିକ୍ଷା ଏବଂ ବୃତ୍ତିର ବ୍ୟବସ୍ଥା ମଧ୍ୟ କରାଯାଇପାରେ। ତେବେ ଯେ ପର୍ଯ୍ୟନ୍ତ ସରକାର ଉକ୍ତ ସମସ୍ୟାକୁ ଗୁରୁତ୍ୱର ସହ ନେଇ ବାଳକ ବରମାନଙ୍କର ସାମଗ୍ରିକ ବିକାଶ କଥା ଚିନ୍ତାକରି ନାହାନ୍ତି ସେ ଯାଏ ଏ କ୍ଷେତ୍ରରେ ବିରାଟବଡ଼ ପରିବର୍ତ୍ତନର ଆଶା କମ୍। ଏଥିରେ ସହାୟତା କରୁଥିବା ମଧ୍ୟସ୍ଥ, ଦଲାଲ, ପୁରୋହିତ ଏପରିକି ଟେଣ୍ଟବାଲାଙ୍କୁ ମଧ୍ୟ ଆଇନର ଗଣ୍ଡି ଭିତରକୁ ନିଆଯାଇ ଦଣ୍ଡିତ କରାଯାଇପାରିବ। ଏମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିଲେ ହିଁ ତାହା ବାଳକ ବରଙ୍କ ମୁଣ୍ଡରୁ ପଗଡ଼ି ଖସାଇବାରେ ସାହାଯ୍ୟ କରିବ।

ମୋ-୭୯୭୮୬୭୧୭୭୬

# ଶ୍ରୀଅରବିନ୍ଦ ଓ ବ୍ରିଟିଶ୍ ସରକାରଙ୍କ ଆତଙ୍କ


ବିମଳ ପ୍ରସନ୍ନ ଦାସ

ବ୍ରିଟିଶ୍ ସରକାର ସ୍ପଷ୍ଟ ଭାବେ ଦେଖିପାରିଥିଲେ ଯେ, ଭାରତବ୍ୟାପୀ ଯେଉଁ ଜାତୀୟ ଚେତନା ତୀବ୍ର ଭାବରେ ବୃଦ୍ଧି ପାଉଛି ଏବଂ ଦେଶର ଯୁବକମାନେ ଯେଉଁ ବିପ୍ଳବୀ ଜୀବନଧାରାରେ ଉଦ୍‌ବୁଦ୍ଧ ହେଉଛନ୍ତି ସେସବୁର ଏକମାତ୍ର ଉଦ୍‌ଗାତା ଶ୍ରୀଅରବିନ୍ଦ। କିନ୍ତୁ ଦୁର୍ଭାଗ୍ୟ ଯେ, ଏ ସମ୍ପର୍କରେ ସରକାର ନିର୍ଭରଯୋଗ୍ୟ ପ୍ରମାଣ ବିଚାରାଳୟରେ ଉପସ୍ଥାପନ କରିବାକୁ ସମର୍ଥ ହେଲେ ନାହିଁ। ଫଳରେ ଶ୍ରୀଅରବିନ୍ଦଙ୍କ ମୁକ୍ତି ଖବର ସେତେବେଳର ବିଭିନ୍ନ ଖବରକାଗଜ ପୃଷ୍ଠା ମଣ୍ଡନ କଲା। ଇଂଲିଶ ବେଙ୍ଗଲୀ ପ୍ରଶ୍ନ କରିଥିଲା-ଶ୍ରୀଅରବିନ୍ଦଙ୍କ ସମେତ ତାଙ୍କର ଅନୁଗାମୀ ଯେଉଁମାନେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେଲେ, ସେମାନଙ୍କ ପ୍ରତି କାହିଁକି ଅପରାଧୀ ସୁଲଭ ଆଚରଣ କରାଯାଇଥିଲା। କେଉଁ ଅଧିକାରରେ କର୍ତ୍ତୃପକ୍ଷ ସେମାନଙ୍କୁ ଜଞ୍ଜିରରେ ବାନ୍ଧି ବିଚାରାଳୟକୁ ନେବା ଆଣିବା କରୁଥିଲେ। ସେହି ଦୈନିକରେ କୌତୁକ ଓ କାରୁଣ୍ୟ ଶିରୋନାମାରେ ଜଣେ ଆଇନଜୀବୀ ଲେଖିଥିଲେ- ଦୌରାଜଜ୍ ମି. ବିଚକ୍ରୋଫ୍‌ଟଙ୍କର ପ୍ରାପ୍ୟ ବିପୁଳ ସମ୍ମାନ। ସେ ତାଙ୍କର ସମ୍ପୂର୍ଣ୍ଣ ନିରପେକ୍ଷତା ପ୍ରତିପାଦିତ କରିଛନ୍ତି- ସମସ୍ତେ ଏହା ସ୍ୱୀକାର କରିବେ। ସମସାମୟିକ ବିଦ୍ୱେଷଭାବ ଓ ଆବେଗ ଦ୍ୱାରା ପ୍ରଭାବିତ ନ ହୋଇ ଜଣେ ନ୍ୟାୟପରାୟଣ ବିଚାରକଙ୍କ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ସରକାର ଏତେ ବିପୁଳ ସମୟ, ଅର୍ଥ ନଷ୍ଟ କରିବାର ଏକମାତ୍ର ହେତୁ ଯେ ଶ୍ରୀଅରବିନ୍ଦଙ୍କୁ ଦଣ୍ଡିତ କରିବାର ଅଭିଳାଷ-ସେ କଥା ସେ ଉତ୍ତମ ରୂପେ ବୁଝି ପାରିଥିଲେ। ଏବେ ଆସନ୍ତୁ ଦେଖିବା ବିଭିନ୍ନ ଖବରକାଗଜରେ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ପ୍ରକାଶିତ ଖବର। 'ସଞ୍ଜୀବନୀ' ଖବରକାଗଜକୁ ଶ୍ରୀଅରବିନ୍ଦ ଦେଇଥିବା ଏକ ସାକ୍ଷାତ୍‌କାର ବହୁ ପତ୍ରପତ୍ରିକାରେ ପୁନଃ ପ୍ରକାଶିତ ହୋଇଥିଲା। ଲଣ୍ଡନରୁ ପ୍ରକାଶିତ 'ଇଣ୍ଡିଆ'ର ୧୯୦୯ ଜୁନ୍ ୧୮ ତାରିଖ ସଂଖ୍ୟାରୁ ତହିଁ ଉପରେ ସମ୍ପାଦକୀୟରେ ବିଚାରାଧୀନ ବନ୍ଦୀମାନଙ୍କ ପ୍ରତି କିଭଳି ବ୍ୟବହାର କରାଯାଏ ତାହାର ଏକ ବିଚିତ୍ର ଓ ଅତୀବ ଅସ୍ୱସ୍ତିକର ଚିତ୍ର ମିଳେ। ଶ୍ରୀଅରବିନ୍ଦ କୋଲକାତାର ଆଲିପୁର କାରାଗାରରେ ରାଜବନ୍ଦୀ ଭାବରେ ଥିଲେ। ଏକ ନିଭୃତ କକ୍ଷରେ ତାଙ୍କୁ ରଖାଯାଇଥିଲା। ବାତାୟନ ବିହୀନ କ୍ଷୁଦ୍ର କକ୍ଷ। ସାମ୍ନାରେ ଲୌହ ଦଣ୍ଡଶ୍ରେଣୀ। ତାଙ୍କୁ ମାତ୍ର ବାଲଟିଏ ପାଣି ଦିଆଯାଉଥିଲା। ସେତିକିରେ ସ୍ନାନ, ଭୋଜନ, ପାତ୍ର ଧୋଇବା ଆଉ ସବୁ କରିବାକୁ ହୁଏ। ଅର୍ଥାତ୍ ସାରାଦିନ ପାଇଁ ବାଲ୍‌ଟିଏ ପାଣି। ସେ ନିଃସଙ୍ଗ କକ୍ଷରେ ପ୍ରାୟ ଦେଢ଼ମାସ ଅତିବାହିତ କରିଥିଲେ। ସର୍ବଦା ତା' ଭିତରେ ଆବଦ୍ଧ। ପଢ଼ିବାକୁ ଦିଆଯାଏ ନାହିଁ। ରାତିରେ ୩/୪ ଥର ପହରୀ ବଦଳ ବେଳେ ସେମାନେ ମୋ ନିଦ ଭାଙ୍ଗିବା ଯାଏ ଚିତ୍କାର କରନ୍ତି। ଅର୍ଥାତ୍ ନିଦରେ ଶୋଇବାକୁ ମଧ ଦିଆଯାଏ ନାହିଁ। ଡାକ୍ତରଙ୍କ ପରାମର୍ଶ କ୍ରମେ ଦିନକୁ ଦୁଇଥର କକ୍ଷ ସାମ୍ନାରେ ପଦଚାରଣ କରିବାକୁ ଦିଆଗଲା। ଏହାର ଆଠଦଶ ଦିନ ପରେ ବହି ଆଣିବାର ଅନୁମତି ମିଳିଲା। ''ମୁଁ ଘରୁ ଗୀତା ଓ ଉପନିଷଦ ମଗାଇଲି। ମାତ୍ର ଦୁଃଖଦ ବିଡମ୍ବନା ରାତିରେ ଆଲୁଅ ଲିଭାଇ ଦିଆଗଲା। ଶୋଇବା ପାଇଁ ଦୁଇ ଖଣ୍ଡ ରୁକ୍ଷ କମ୍ବଳ ମିଳିଥିଲା। ଚଟାଣରେ ଖଣ୍ଡିଏ ବିଛାଇ ଶୋଉଥିଲି।''

ଲଣ୍ଡନରୁ ପ୍ରକାଶିତ 'ଇଣ୍ଡିଆ' ଆହୁରି ଲେଖିଥିଲା, ଶ୍ରୀଅରବିନ୍ଦ ଗିରଫ ହେବା ସଙ୍ଗେ ସଙ୍ଗେ କଲିକତା ପୋଲିସ କମିଶନର ମି. ହାଲିଡେଙ୍କ ସହ ଶ୍ରୀଅରବିନ୍ଦଙ୍କ କଥୋପକଥନ ବେଶ୍ ବିଶେଷତ୍ୱପୂର୍ଣ୍ଣ। ସେ ଶ୍ରୀଅରବିନ୍ଦଙ୍କୁ କହିଲେ, ''ଏଭଳି ଜଘନ୍ୟ ଅପରାଧରେ ତୁମେ ଅଂଶଗ୍ରହଣ କରି ଲଜ୍ଜିତ ନୁହଁ। ମୁଁ ଉତ୍ତର ଦେଲି- ମୁଁ ଅଂଶଗ୍ରହଣ କରିଛି ବୋଲି ଧରିନେବାର ଅଧିକାର ତୁମକୁ କିଏ ଦେଲା। ହାଲିଡେ କହିଲେ, ମୁଁ ଧରିନେଇ ନାହିଁ ମୁଁ ଜାଣେ। ଉତ୍ତରରେ କହିଲି, ତୁମେ କ'ଣ ଜାଣ ବୋଲି କଳ୍ପନା କରୁଛ ସେକଥା ମୁଁ ଜାଣେନା। ମୁଁ କୌଣସି ସମ୍ପର୍କ ଥିବା ଅସ୍ୱୀକାର କରୁଛି।'' ଏହା ସୂଚିତ କରେ ମି. ହାଲିଡେଙ୍କ ଜାଣିବା କେତେ ଭ୍ରାନ୍ତ ଥିଲା, ତାହା ବିଚାରାଳୟ ଫଳାଫଳରୁ ସ୍ପଷ୍ଟ।

ଶ୍ରୀଅରବିନ୍ଦ କୌଣସି ଗୋଟିଏ ସ୍ଥାନକୁ ଯିବେ ବୋଲି ଶୁଣାଗଲେ ସ୍ଥାନୀୟ ପୋଲିସ ଘୋର ଆତଙ୍କିତ ହୋଇଉଠେ-ସତେ ଅବା ସେ ସ୍ଥାନରେ ପଦାର୍ପଣ କରିବା ଅର୍ଥ ସ୍ଥାନୀୟ ଲୋକେ ସ୍ୱାଧୀନତା ଘୋଷଣା କରିଦେବେ। ନିକଟରେ ଶ୍ରୀଅରବିନ୍ଦ 'ବରିଶାଳ' ନାମକ ଏକ ସ୍ଥାନକୁ ଯିବାର କାର୍ଯ୍ୟକ୍ରମ ଥିଲା। ପୋଲିସ୍ ଇନ୍‌ସ୍ପେକ୍ଟର ସ୍ଥାନୀୟ ଆୟୋଜକମାନଙ୍କୁ ସାକ୍ଷାତ୍ କରି କହିଲେ, ସେମାନେ ଆଉ ଯାହାକୁ ଆଣିବେ ଆଣନ୍ତୁ, ଅରବିନ୍ଦ ବାବୁଙ୍କୁ ନୁହେଁ।

ଶ୍ରୀଅରବିନ୍ଦଙ୍କ ନିକଟକୁ ଯେଉଁ ଚିଠିପତ୍ର ଆସୁଥିଲା ଓ ତା'ର ଉତ୍ତର ଯାଉଥିଲା ସେ ସବୁ ସିଆଇଡି ରିପୋର୍ଟ ଅନୁଯାୟୀ ପୋଷ୍ଟ ଅଫିସରେ ଖୋଲାଯାଇ ତନଖି କରାଯାଉଥିଲା। କାରଣ ବ୍ରିଟିଶ ସରକାରଙ୍କ ନିମନ୍ତେ ଶ୍ରୀଅରବିନ୍ଦ ଥିଲେ ଏକ ଭୟଙ୍କର ଆତଙ୍କ, ଯାହା ବିଚାରାଳୟରେ ପ୍ରମାଣିତ ହୋଇପାରିଲା ନାହିଁ। କୋଲକାତାର ଆଲିପୁର ଦୌରାଜଜ୍‌ଙ୍କ ବିଚାରାଳୟରେ ବିଚାର ଚାଲିଥିବା ଅବସରରେ ବ୍ରିଟିଶ ସରକାରଙ୍କ ଓକିଲ ବାରିଷ୍ଟର ନର୍ଣ୍ଣଟନ୍ କହିଲେ, ''ଅରବିନ୍ଦ ଘୋଷ ପରି ଗୋଟାଏ ଖୁନୀ ଆସାମୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଉ। ସେ ଗୋଟାଏ ଭୟଙ୍କର ଆତଙ୍କ।'' ଅନ୍ୟପକ୍ଷରେ ଶ୍ରୀଅରବିନ୍ଦଙ୍କ ତରଫରୁ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ କହିଲେ, ''ଶ୍ରୀଅରବିନ୍ଦ ଏ ବିଚାରାଳୟର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନୁହନ୍ତି। ସେ ଇତିହାସର ବିଚାରାଳୟରେ ଦଣ୍ଡାୟମାନ। ଇତିହାସ ତାଙ୍କର ବିଚାର କରିବ। ଯେତେବେଳେ ସେ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହୋଇଛନ୍ତି, ନିଶ୍ଚିତ ଦିନେ ସେ ଧରାରୁ ବିଦାୟ ନେବେ। କିନ୍ତୁ କେବଳ ଭାରତରେ ନୁହେଁ ଦେଶ ବିଦେଶରେ ତାଙ୍କର ବାଣୀ ଧ୍ୱନିତ ଓ ପ୍ରତିଧ୍ୱନିତ ହେବ। ସ୍ୱଦେଶ ପ୍ରେମର କବି, ଜାତୀୟତାର ବାର୍ତ୍ତାବହ ଓ ଗଭୀର ମାନବବାଦୀ ଭାବରେ ସେ ଏ ଦେଶରେ ପୂଜା ପାଇବେ।'' ତାଙ୍କ ଦୀର୍ଘ ୪୦ ବର୍ଷ ସାଧନାର ସିଦ୍ଧି ଦିବସ ନଭେମ୍ବର ୨୪ ତାରିଖ ୧୯୨୬ ମସିହାରେ ପାଳିତ ହେଲା। ୯୪ତମ ସିଦ୍ଧି ଦିବସରେ ସେ ମହାନ ଆତ୍ମାଙ୍କ ପାଦତଳେ କୋଟି ପ୍ରଣାମ।

# ନାରୀର ନିରାପତ୍ତା


ଡ. ତ୍ରିନାଥ ପଟ୍ଟନାୟକ

ଯେଉଁ ବ୍ୟକ୍ତି ଓ ସମାଜ ନାରୀକୁ ଉଚିତ ସମ୍ମାନ ଦେଇଥାଏ, ତାହାକୁ ଆମେ ସୁସ୍ଥ ସମାଜ ବୋଲି କହିଥାଉ। ଯୁଗେ ଯୁଗେ ନାରୀ ନିର୍ଯାତିତା ହୋଇଛି। ସେଥିପାଇଁ ସମାଜ ଦାୟୀ ତଥାପି ନାରୀ ନିର୍ଯାତନାରୁ ନିବୃତ୍ତ ହେବା ପାଇଁ ବିବିଧ ନୀତିନିୟମ ଚଳି ଆସିଛି। ଆଜି ନାରୀଟିଏ ସ୍ୱାଧୀନ ନୁହେଁ। ମଣିଷ ତାକୁ ଲୋଲୁପ ଦୃଷ୍ଟିରେ ଦେଖୁଛି। ନାରୀ ବଳାତ୍କାରର ଶିକାର ହେଉଛି। ଅସମ୍ମାନିତା ହେଉଛି। ସମାଜର ନିନ୍ଦା ସହ୍ୟ କରି ନ ପାରି ଆତ୍ମହତ୍ୟା କରୁଛି। ତଥାପି ସମାଜ ସ୍ଥାଣୁ। କେବଳ ଶାସ୍ତ୍ରବାଣୀକୁ ପଢିଦେଲେ ଚଳିବ ନାହିଁ। କାର୍ଯ୍ୟରେ ଦେଖାଇବାକୁ ହେବ। ''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ। ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟାଃ।'' ଯେଉଁଠାରେ ନାରୀମାନେ ପୂଜା ବା ଆଦର ପାଆନ୍ତି ସେଠାରେ ଦେବତାମାନେ ଆନନ୍ଦିତ ହୁଅନ୍ତି, କିନ୍ତୁ ଯେଉଁଠାରେ ନାରୀମାନେ ଅନାଦର ପାଆନ୍ତି ସେଠାରେ ସବୁ କର୍ମ ନିଷ୍ଫଳ ହୁଏ।

ପ୍ରାଚୀନ ବିଧି ବିଧାନରେ ନାରୀ ପ୍ରତି ସମାଜର ବିଶେଷ କର୍ତ୍ତବ୍ୟ ଥିଲା, ସମାଜ ନାରୀର ନିରାପତ୍ତା ପ୍ରତି ଦୃଷ୍ଟି ରଖୁଥିଲା। ପରିବାର ମଧ ସଜାଗ ଥିଲେ। ନୀତି ଶାସ୍ତ୍ରରେ କଠିନ ଦଣ୍ଡର ବ୍ୟବସ୍ଥା ଥିଲା। ମହାନିର୍ବାଣ ତନ୍ତ୍ରରେ ଉଲ୍ଲେଖ ଅଛି ଦୁର୍ବ୍ବଚ୍ୟଂ କଥୟନ ପତ୍ନୀଂ, ଏକାହଃଅଶନଂ ତ୍ୟଜେତ୍। ତ୍ର୍ୟହ୍ୟଂ ସନ୍ତାଡୟନ ରକ୍ତଂ ପାତୟନ ସପ୍ତ ବାସରାନ। (୧୨/୬୪) ପୁରୁଷ ପତ୍ନୀଙ୍କୁ କଟୁକ୍ତି କଲେ ଦିନେ ଉପବାସ କରି ପ୍ରାୟଶ୍ଚିତ୍ତ କରିବେ। ପ୍ରହାର କଲେ ତ୍ରିରାତ୍ରି ଓ ନିଦାରୁଣ ଆଘାତରେ ରକ୍ତପାତ କଲେ ସ୍ୱାମୀ ସପ୍ତରାତ୍ରି ଉପବାସ କରି ଆତ୍ମ ଶୁଦ୍ଧି କରିବା ଉଚିତ। ଏହା କର୍ତ୍ତବ୍ୟ ମଧ। ତନ୍ତ୍ର ଶାସ୍ତ୍ରରେ ମଧ ନାରୀଙ୍କ ପ୍ରତି ଅଶ୍ଳୀଳ ବାକ୍ୟ ପ୍ରୟୋଗ ନିଷିଦ୍ଧ କରାଯାଇଛି,ଏହା ଦଣ୍ଡନୀୟ ବୋଲି କୁହାଯାଇଛି।

ଯେଉଁ ଆଚାରକୁ ଦଣ୍ଡନୀୟ କରାଗଲା, ତାହା ଯେପରି ମନ ଭିତରେ ମଧ ସ୍ଥାନ ନ ପାଏ, ସେଥିପ୍ରତି ବିଦ୍ୱାନମାନେ ଜାଗ୍ରତ ଥିଲେ। ରାମାୟଣ କଥା ଦେଖାଯାଉ। ସୀତାଙ୍କୁ ଅନୁସନ୍ଧାନ କରିବା ନିମନ୍ତେ ଶ୍ରୀହନୁମାନ ଅଦୃଶ୍ୟ ବେଶରେ ରାବଣର ଅନ୍ତଃପୁରକୁ ଯାଇଛନ୍ତି। ଅନ୍ତଃପୁରରେ କାମାର୍ତ୍ତା ନାରୀମାନେ ନଗ୍ନା ଅବସ୍ଥାରେ ଥିବାରୁ ହନୁମାନ ଭାବୁଛନ୍ତି-ପର ଦାରା ବରୋଧସ୍ୟ ପ୍ରସୁପ୍ତସ୍ୟ ନିରୀକ୍ଷଣଂ ଇଦଂ ଖଳୁ ମମାତୀର୍ଥ ଧର୍ମଲୋପଂ କରିଷ୍ୟତି। (ସୁନ୍ଦରାକାଣ୍ଡ-୧୧/୩୯) ବିବସ୍ତ୍ରା, ପ୍ରସୁପ୍ତ ପରସ୍ତ୍ରୀମାନଙ୍କୁ ଦେଖିଲେ ନିଜର ଧର୍ମ ଲୋପ ହେବାର ଶାସ୍ତ୍ର ବଚନ ଅଛି। ମୋର ବର୍ତ୍ତମାନ କର୍ତ୍ତବ୍ୟ କ'ଣ। ମହାଭାରତର ଶାନ୍ତି ପର୍ବରେ ପିତାମହ ଭୀଷ୍ମ ଧର୍ମ ସମ୍ବନ୍ଧରେ କହିଛନ୍ତି-ଉଦୟୋନ୍ମୁଖ ଆଦିତ୍ୟଙ୍କୁ ଓ ଉଲଗ୍ନା ପରସ୍ତ୍ରୀକୁ ଅବଲୋକନ କରିବ ନାହିଁ। ନିଜ ସ୍ତ୍ରୀଠାରେ ଋତୁକାଳୀନ ମୈଥୁନ ନିର୍ଜନରେ କରିବା କର୍ତ୍ତବ୍ୟ ଅଟେ। (୧୯୩-୧୭)

ନାରୀ ସଂଘଟିତ ପାପର ଦଣ୍ଡ ହେଉଛି ପ୍ରାଣଦଣ୍ଡ। ଯେଉଁମାନେ ନାରୀ ସହିତ ଦୁଷ୍କର୍ମ କରୁଛନ୍ତି ସେମାନଙ୍କୁ ଆଜିକାଲି ମଧ ପ୍ରାଣଦଣ୍ଡ କିମ୍ବା ଅଙ୍ଗଚ୍ଛେଦନ ଦଣ୍ଡ ଦେଲେ ଆପତ୍ତି ରହିବା ଉଚିତ ନୁହେଁ। ନ ହେଲେ ପାଷାଣ୍ଡମାନଙ୍କୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇଉଠିବ। କଠୋର ଦଣ୍ଡବିଧାନ ନ ଥିବାରୁ ପ୍ରତିଦିନ ନାରୀ ନିର୍ଯାତନା, ବଳାତ୍କାର ବଢି ବଢି ଚାଲିଛି। କୁଳ ନାରୀ ଦୂଷିତା ହେଲେ, ଅଶ୍ରୁ ବିସର୍ଜନ କଲେ ସମାଜ ପତନମୁଖୀ ହେବ।

ନାରୀମାନଙ୍କ ନିରାପତ୍ତା ବିଷୟରେ ଦୁଇ ଧରଣର ଲୋକ ମତବ୍ୟକ୍ତ କରନ୍ତି। ଯେଉଁମାନେ ଧର୍ମଭୀରୁ ସେମାନେ ଅକର୍ମଣ୍ୟ ବୋଲି ଧରାଯିବ। ସେମାନେ ନାରୀର ସତୀତ୍ୱ ସମ୍ବନ୍ଧରେ କୁତ୍ସାରଟନା କରନ୍ତି, ନାରୀକୁ ସ୍ୱାଧୀନତା ନ ଦେଇ ଜବତ କରି ରଖିବାରେ ସଚେଷ୍ଟ ଥାନ୍ତି। କାରଣ ସେମାନଙ୍କ ପକ୍ଷରେ ନିଜେ ବୀରତ୍ୱ ହାସଲ କରି ନାରୀର ସମ୍ମାନ ଭାଜନ ହେବା ସମ୍ଭବପର ନୁହେଁ। କର୍ମକୁଶଳ ବିଜ୍ଞବ୍ୟକ୍ତିମାନଙ୍କ ମତରେ ପଶୁ ବଳ ପ୍ରୟୋଗ କରି ନାରୀ ସତୀତ୍ୱକୁ ନଷ୍ଟ କରାଯାଇପାରେ ନାହିଁ। ନାରୀ ସେ ପର୍ଯ୍ୟନ୍ତ ସତୀ ଯେ ପର୍ଯ୍ୟନ୍ତ ସେ ନିଜଆଡୁ ପର ପୁରୁଷ ପ୍ରତି ସମ୍ମତି ଦେଇ ନ ଥାଏ। ଏହାର ଶ୍ରେଷ୍ଠ ଉଦାହରଣ ରାମାୟଣର ଲଙ୍କାକାଣ୍ଡରେ ଦେଖିବାକୁ ମିଳେ। ରାବଣ ବଧ ପରେ ଶ୍ରୀରାମଚନ୍ଦ୍ର ସତୀ ସୀତାଙ୍କୁ ତ୍ୟାଗ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ। ସେତେବେଳେ ସୀତାଦେବୀ କହିଥିଲେ- ହେ ନୃପ ଶାର୍ଦ୍ଦୁଳ, ଆପଣ କାହିଁକି ଅନାର୍ଯ୍ୟଙ୍କ ଭଳି ଦାରୁଣ କଥା କହୁଛନ୍ତି- ଆପଣ ଯାହା ଭାବୁଛନ୍ତି ମୁଁ ତାହା ନୁହେଁ। ହେ ପ୍ରଭୁ ରାବଣ ମୋର ଗାତ୍ର ସ୍ପର୍ଶ କରିଥିଲେ ସେତେବେଳେ ମୁଁ ବିବଶ। ତାହା ମୋର ଇଚ୍ଛାକୃତ ନୁହେଁ। ସେ ବିଷୟରେ ଦୈବ ହିଁ ଅପରାଧୀ, ମୁଁ ନୁହେଁ। ମୋର ହୃଦୟ ମୋର ଅଧୀନ, ସେହି ହୃଦୟ ସର୍ବଦା ଆପଣଙ୍କଠାରେ ଅନୁରକ୍ତ। ''ମଦାଧୀନନ୍ତୁ ଯତ୍ତନ୍ମେ ହୃଦୟଂ ତ୍ୱୟି ବର୍ତ୍ତତେ, ପରାଧୀନେଷୁ ଗାତ୍ରେଷୁ କିଂ କରିଷ୍ୟାମି ଅନୀଶ୍ୱରା'' (ଲଙ୍କାକାଣ୍ଡ-୧୧୯/୮/୯)। କିନ୍ତୁ ମୋର ଗାତ୍ର ପରାଧୀନ। ପରାଧୀନ ଅବସ୍ଥାରେ ମୁଁ ପ୍ରଭାବହୀନା। ସୁତରାଂ ମୋର କୌଣସି ଅପରାଧ ହୋଇନାହିଁ।

ସୀତାଦେବୀଙ୍କର ଏହି ଚିରନ୍ତନ ଓ ଶାଶ୍ୱତ ଉକ୍ତି ଭାରତୀୟ ନାରୀର ସ୍ୱାତନ୍ତ୍ର୍ୟ ଓ ପରାଧୀନତା ମଧ୍ୟରେ ସମନ୍ୱୟ ସ୍ଥାପନ କରିଛି। ଏହା ହିଁ ନାରୀର ଆଇନଗତ ପ୍ରତିଷ୍ଠା ବୋଲି ଗ୍ରହଣ କରାଯିବ। ନାରୀର ସମ୍ଭାବ୍ୟ ଶାରୀରିକ ପରାଧୀନତାର ଅନୁବର୍ତ୍ତୀ ବିପଦରୁ ନାରୀକୁ ରକ୍ଷା କରିବା ସମାଜର ଗୁରୁଦାୟିତ୍ୱ।

ମହାଭାରତରେ ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହାମନା ଭୀଷ୍ମଦେବ କହିଛନ୍ତି-ଇହଲୋକରେ ସ୍ୱାଧ୍ୱୀ ଓ ଅସ୍ୱାଧ୍ୱୀ ଦୁଇପ୍ରକାର ନାରୀ ଅଛନ୍ତି। ମାତ୍ର ଲୋକମାତା ସ୍ୱାଧ୍ୱୀ ସ୍ତ୍ରୀମାନେ ଏହି ସସାଗରା ପୃଥିବୀକୁ ରକ୍ଷା କରୁଛନ୍ତି। ଅବଶ୍ୟ କିଏ ସ୍ୱାଧ୍ୱୀ କିଏ ଅସ୍ୱାଧ୍ୱୀ ବିଚାର କରିବା ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ଏଣୁ ସମଗ୍ର ନାରୀ ଜାତିକୁ ସର୍ବଦା ଅତି ସାବଧାନତାର ସହିତ ରକ୍ଷା କରିବା ବିଧେୟ।

ସା/ପୋ-ନିଆଳି, ଜି-କଟକ, ମୋ-୯୯୩୭୮୪୦୩୮୭


## ଦେବଗଡ଼ ଜିଲ୍ଲା ଚାଷୀ ଭାଇ ଭଉଣୀମାନଙ୍କ ପାଇଁ ସୂଚନା

କୃଷି ବିଭାଗ ଜରିଆରେ ଚାଷୀମାନଙ୍କ ପାଇଁ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ଜରିଆରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ନିଆଯାଇଛି। ସେହି ଯୋଜନା ମଧ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଧାନ, ଡାଲି ଓ ତୈଳବୀଜ ଫସଲ), ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଆତ୍ମା ଯୋଜନା, କୃଷି ଯାନ୍ତ୍ରୀକୀକରଣ, ସମନ୍ୱିତ ଚାଷ ଇତ୍ୟାଦି କାର୍ଯ୍ୟକାରୀ ହେଉଅଛି। ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଫସଲ ଅମଳ ପାଇଁ ନୂତନ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି ଏବଂ କାର୍ଯ୍ୟକାରୀ ହେବା ପାଇଁ ଚାଷୀମାନଙ୍କ ପାଇଁ ବିଭିନ୍ନ ପ୍ରକାର କୃଷି ସାମଗ୍ରୀ ଯଥା ବିହନ, ସାର, ଅଣୁସାର, ଜୀବାଣୁସାର, ରୋଗପୋକ ଔଷଧ, ଘାସମରା ଔଷଧ, ବିଭିନ୍ନ କୃଷି ଯନ୍ତ୍ରପାତି ଇତ୍ୟାଦି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଛି।

ସମସ୍ତ ପ୍ରକାର ପ୍ରୋତ୍ସାହନ ଓ ସହାୟତା ପାଇଁ ନିକଟସ୍ଥ କୃଷି କର୍ମଚାରୀ/କିମ୍ବା ବ୍ଲକ୍‌ର କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ।

**ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଦେବଗଡ଼**

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର

(ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା)

**ନିବେଦନ**

ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ଛତ୍ରପୁର ସହରକୁ ଏକ ସବୁଜ ଓ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଏବଂ ସହରର ଜନସାଧାରଣଙ୍କ ଆମୋଦପ୍ରମୋଦ ଓ ପ୍ରଗତିଶୀଳ ସହର ରୂପେ ଗଢି ତୋଳିବାକୁ ପରିଷଦ ଅଣ୍ଟା ଭିଡିଅଛି। ଏହା କେବଳ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ନୁହେଁ। ଏଣୁ ଏହି ଯୋଜନାକୁ ନିଜର ମନେକରି ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ଉକ୍ତ ଜିନିଷକୁ ଚୋରି କିମ୍ବା ନଷ୍ଟ କରିବା ନାହିଁ। ପ୍ରଗତିଶୀଳ ସହରର ବିକାଶରେ କୁଠାରାଘାତ ନ କରି ପରିଷଦ ସମ୍ପତ୍ତିକୁ ନିଜସ୍ୱ ମନେକରି ଏହାର ରକ୍ଷା ନିମିତ୍ତ ଦୃଢ ପଦକ୍ଷେପ ନେବା।

**ପ୍ରଶାସକ-ତଥା-ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**

**କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର**

## ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ, ଓଡ଼ିଶା

ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଓଡ଼ିଶାର ୧୯୬ କି.ମି. ବ୍ୟାପି ଉପକୂଳବର୍ତ୍ତୀ ଅଞ୍ଚଳର ଦୁଇଟି ଭାଗରେ ଯଥା ଗୋପାଳପୁର ଠାରୁ ଚିଲିକା ଏବଂ ପାରାଦ୍ୱୀପ ଠାରୁ ଧାମରା ମଧ୍ୟରେ କାର୍ଯ୍ୟକାରୀ ହୋଇଅଛି। ଏହି ପ୍ରକଳ୍ପ ମାଧ୍ୟମରେ ନିମ୍ନୋକ୍ତ ଉଲ୍ଲେଖଯୋଗ୍ୟ ଲକ୍ଷ୍ୟସାଧନ ହୋଇଛି:

୧. ୬୪୦ଟି ସ୍ୱୟଂ ସହାୟକ ଦଳ ମାଧ୍ୟମରେ ୯,୬୦୦ ଉପଭୋକ୍ତାଙ୍କୁ ବିକଳ୍ପ ଜୀବନ-ଜୀବିକା ପ୍ରଦାନ କରାଯାଇଛି, ଯଦ୍ୱାରା ଉପକୂଳବର୍ତ୍ତୀ ସାମୁଦ୍ରିକ ସମ୍ବଳର ଅବକ୍ଷୟ ବହୁଳ ପରିମାଣରେ ରୋକା ଯାଇପାରିଛି।
୨. କେନ୍ଦ୍ରାପଡ଼ା ଜିଲ୍ଲାର ପେଣ୍ଟ ଗ୍ରାମର ତଟବର୍ତ୍ତୀ ଶଯ୍ୟାରେ ଏକ ଜିଓ-ସିନ୍ଥେଟିକ୍ ଟ୍ୟୁବ୍ ପ୍ରୟୋଗ ଦ୍ୱାରା ସାମୁଦ୍ରିକ ଲହଡ଼ିରୁ ଛଅଟି ଗ୍ରାମ ପଞ୍ଚାୟତର, ୫୮ଟି ଗ୍ରାମରେ ବସବାସ କରୁଥିବା ୪୧,୨୨୨ ଲୋକଙ୍କର ଧନ ଓ ଜୀବନକୁ କ୍ଷୟ ଓ ବିପ୍ୱାତରୁ ରକ୍ଷା କରିବା ପାଇଁ ଏକ ସୁଦୃଢ ବନ୍ଧ ନିର୍ମାଣ କରାଯାଇଛି।
୩. ପ୍ରାକୃତିକ ବିପର୍ଯ୍ୟୟ ସମୟରେ ୧୪,୦୦୦ ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବା ପାଇଁ ପୁରୀ, ଗଞ୍ଜାମ ଓ କେନ୍ଦ୍ରାପଡ଼ାର ୧୪ଟି ସ୍ଥାନରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳି ନିର୍ମାଣ କରାଯାଇଅଛି।
୪. ୩୨୩ ହେକ୍ଟର ଜମିରେ ଲୁଣା ଜଙ୍ଗଲ ସୃଷ୍ଟି ଦ୍ୱାରା ସେହି ଅଞ୍ଚଳର ଜୈବ ବିବିଧତାର ସମୃଦ୍ଧି କରାଯାଇଅଛି।
୫. ଚିଲିକା ହ୍ରଦ ଚାରିପଟେ ଥିବା ଛଅଟି ସ୍ଥାନରେ ଗୋଷ୍ଠୀଭିତ୍ତିକ ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯାଇଥିବା ଯୋଗୁଁ ସେହି ଅଞ୍ଚଳର ୫୫ ପ୍ରତିଶତ ରୋଜଗାର ବୃଦ୍ଧି ହୋଇପାରିଛି।
୬. ଚିଲିକା ପାଖରେ ଥିବା ଆର୍ଦ୍ରଭୂମି ଗବେଷଣା ଓ ତାଲିମ କେନ୍ଦ୍ର (ଡବ୍ଲୁ.ଆର୍.ଟି.ସି) ର ଉନ୍ନତିକରଣ ଓ ଗବେଷଣାଗାର ନିମନ୍ତେ ଉପକରଣର ବ୍ୟବସ୍ଥା କରାଯାଇଅଛି।

## ଜୟପୁର ପୌରପରିଷଦ, ଜୟପୁର

୦୧) ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଆଦେଶ କ୍ରମେ ନିମ୍ନଲିଖିତ ସ୍ଥାନ ମାନଙ୍କ ଠାରେ ୱାର୍ଡ ଅଫିସ ଖୋଲା ହୋଇଛି। ଆପଣଙ୍କ ଅଭିଯୋଗ ସିଧା ସଳଖ ନିଜ ୱାର୍ଡ ଅଫିସ ରେ ଦିନ ଘ ୧୦.୦୦ ଟା ରୁ ଘ ୧୨.୦୦ ଟା ମଧ୍ୟରେ ଦାଖଲ କରିପାରିବେ।

| ୱାର୍ଡ ନଂ | ସ୍ଥାନ | ୱାର୍ଡ ନଂ | ସ୍ଥାନ |
|---|---|---|---|
| 1 | ପରଜା ସାହି ଗୋଷ୍ଠି କେନ୍ଦ୍ର | 15 | ମାଣ୍ଡିଆ ଭଟ୍ଟା ସାହି ଗୋଷ୍ଠି କେନ୍ଦ୍ର |
| 2 | ପାଇକ ସାହି ଗୋଷ୍ଠି କେନ୍ଦ୍ର | 16 | ପୁରୁଣାଗଡ ଗୋଷ୍ଠି କେନ୍ଦ୍ର |
| 3 | ହାନାଗୁଡା ଗୋଷ୍ଠି କେନ୍ଦ୍ର | 17 | କୁମ୍ଭାର ସାହି ଗୋଷ୍ଠି କେନ୍ଦ୍ର |
| 4 | ବିଦ୍ରୁରାଜନଗର ଗୋଷ୍ଠି କେନ୍ଦ୍ର | 18 | ପି. ଆର. ପେଟା ଗୋଷ୍ଠି କେନ୍ଦ୍ର |
| 5 | ଇନ୍ଦୁ ପାଠାଗାର ଗୋଷ୍ଠି କେନ୍ଦ୍ର | 19 | ବେଡା ସାହି ଗୋଷ୍ଠି କେନ୍ଦ୍ର |
| 6 | ପାରାବେଡ଼ା ଗୋଷ୍ଠି କେନ୍ଦ୍ର | 20 | ମାଛ ବନ୍ଧ ସାହି |
| 7 | କୁନ୍ଦାରିଗୁଡା ଗୋଷ୍ଠି କେନ୍ଦ୍ର | 21 | କୁଞ୍ଜ ବିହାରି କଲ୍ୟାଣମଣ୍ଡପ |
| 8 | ଜେଲ ରୋଡ ଗୋଷ୍ଠି କେନ୍ଦ୍ର | 22 | ଗୋଡିଆ ଧୋବା ସାହି କଲ୍ୟାଣମଣ୍ଡପ |
| 9 | ଗୋପବନ୍ଧୁ ନଗର କଲ୍ୟାଣମଣ୍ଡପ | 23 | ପଞ୍ଚାନନ କଲ୍ୟାଣମଣ୍ଡପ |
| 10 | ଯୋଗାଜିନୀ ଭବନ କଲ୍ୟାଣମଣ୍ଡପ | 24 | ବୋକ୍ସି ସାହି କଲ୍ୟାଣମଣ୍ଡପ |
| 11 | ମହାରାଣୀପେଟା କଲ୍ୟାଣମଣ୍ଡପ | 25 | ଚନ୍ଦନ ବାଡ ଗୋଷ୍ଠି କେନ୍ଦ୍ର |
| 12 | ଯେ. ଏମ୍. କ୍ଲୋବ | 26 | ଜଗତଜନନୀ ପାଠାଗାର |
| 13 | ଗୋଷ୍ଠି କେନ୍ଦ୍ର ଦୁର୍ଗା ମଣ୍ଡପ, ଭୂପତି ସାହି | 27 | ତ୍ରିମୂର୍ତୀ କଲ୍ୟାଣମଣ୍ଡପ |
| 14 | ବେଲ ରୋଡ ଗୋଷ୍ଠି କେନ୍ଦ୍ର ଦାଶରଥି ସାହି | 28 | ନୂଆ ସାହି ପଞ୍ଚମ ଲାଇନ ଗୋଷ୍ଠି କେନ୍ଦ୍ର |

୦୨) ନାଳ ନର୍ଦ୍ଦମା ରେ ଘରର ଅଳିଆ, ଆବର୍ଜନା ପକାନ୍ତୁ ନାହିଁ। ଏହାକୁ ନେବା ସକାଶେ ପୌରପରିଷଦ ଦ୍ୱାରା ନିୟୋଜିତ ଘରର ଅଳିଆ ସଂଗ୍ରହକାରି କୁ ଦିଅନ୍ତୁ।
୦୩) ପୌରପରିଷଦର ଦେୟ ଯଥା ଗୃହ ଟିକସ ଦୋକାନ ଭଡା ଓ ଅନ୍ୟାନ୍ୟ ଲାଇସେନ୍ସ ଫିଜ ଠିକ ସମୟରେ ପୈଠ କରନ୍ତୁ।
୦୪) ବିନା ଗୃହ ନିର୍ମାଣ ନକ୍ସା ମଞ୍ଜୁରୀରେ ଘର ନିର୍ମାଣ କରନ୍ତୁ ନାହିଁ କିମ୍ବା ପୌରପରିଷଦ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇନଥିବା ଲେଆଉଟ ଜମି ରେ ଘର କରିବା ବେ ଆଇନ ଅଟେ। ଏଣୁ ପ୍ଲଟ କ୍ରୟ କରିବା ପୂର୍ବରୁ ଏହା ଯାଞ୍ଚ କରନ୍ତୁ।

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ





## ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ଉପାୟ

- ସମସ୍ତ ଗୃହପାଳିତ ପ୍ରାଣୀ ଯଥା – ଗୋରୁ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦିଙ୍କର ନିୟମିତ ମଳ ପରୀକ୍ଷା ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ କରାଇ ବ୍ଲକ ପ୍ରାଣୀଚିକିତ୍ସାଧିକାରୀ/ ପ୍ରାଣୀଚିକିତ୍ସକ/ ପ୍ରାଣୀଧନ ନିରୀକ୍ଷକଙ୍କ ପରାମର୍ଶ କ୍ରମେ କୃମି ଔଷଧ ଖୁଆନ୍ତୁ।
- ରୋଗ ଆରମ୍ଭ ହେବା ମାତ୍ରେ ପ୍ରାଣୀଚିକିତ୍ସକଙ୍କ ସହିତ ପରାମର୍ଶ କରି ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରନ୍ତୁ।
- ସଂକ୍ରାମକ ରୋଗ ନ ହେବା ପାଇଁ ଯଥା ଶୀଘ୍ର ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରନ୍ତୁ।
- ବାଛୁରୀଙ୍କୁ ବଜବଜିଆ ଟୀକା ଏବଂ ଗୋରୁଗାଈଙ୍କୁ ସାହାଣା ଟୀକା ପ୍ରଦାନ କରନ୍ତୁ।
- ଗୋରୁଗାଈଙ୍କୁ ପ୍ରତି ୬ ମାସରେ ଥରେ ଫାଟୁଆ ଟୀକା ପ୍ରଦାନ କରନ୍ତୁ।
- ଉପଯୁକ୍ତ ସମୟାନୁସାରେ କୁକୁଡ଼ାଙ୍କୁ ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରନ୍ତୁ।
- ଗୁହାଳ ବା କୁକୁଡ଼ା ଘରର ପରିମଳ ବ୍ୟବସ୍ଥା ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ।
- ମୃତ ପ୍ରାଣୀଙ୍କୁ ଏଣେତେଣେ ନ ପକାଇ ଗଭୀର ଗାତ ଖୋଳି ଚୂନ ଦେଇ ପୋତି ଦିଅନ୍ତୁ।
- ଯଦି ଆପଣଙ୍କ ଅଞ୍ଚଳରେ କୌଣସି ରୋଗର ମହାମାରୀ ଦେଖାଦିଏ, ତେବେ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ/ ପ୍ରାଣୀଚିକିତ୍ସକଙ୍କ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ।
- ପ୍ରତିଷେଧକ ଟୀକା ପ୍ରଦାନ ପୂର୍ବରୁ ପ୍ରାଣୀଙ୍କୁ କୃମି ଔଷଧ ଖୁଆଇ ସ୍ୱାସ୍ଥ୍ୟବାନ ରଖନ୍ତୁ।
- ବନ୍ୟା, ବାତ୍ୟା ଓ ବଜ୍ରପାତ ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ସମୟରେ ପ୍ରାଣୀମାନଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାର ବ୍ୟବସ୍ଥା କରନ୍ତୁ।
- ସବୁଦିନିଆ ଘାସଚାଷ କରି ଗାଈ, ମଇଁଷି ମାନଙ୍କୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା ଦାନା ପାଇଁ ହେଉଥିବା ଖର୍ଚ୍ଚ କମାଇପାରିବେ।
- ସମସ୍ତ ଗୃହପାଳିତ ପ୍ରାଣୀ ଯଥା ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦିର ବୀମାକରଣ କରାଇ ନିଅନ୍ତୁ।
- ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଓ ଚିକିତ୍ସା ପାଇଁ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା (MVU) ର ସାହାଯ୍ୟ ନିଅନ୍ତୁ।



ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା,
ଓଡ଼ିଶା, କଟକ

# କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଧର୍ମଶାଳା,୨୩।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ଶନିବାର କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ପଞ୍ଚମ କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଫାଉଣ୍ଡେଶନର ଅଧ୍ୟକ୍ଷ ତଥା ଧର୍ମଶାଳା ବ୍ଲକ ଚେୟାରମ୍ୟାନ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଦ୍‌ଘାଟନୀ ମ୍ୟାଚ୍ ଅଭୟପୁର ଓ ମହିଶରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହିଶରା ଦଳ ଟସ୍ ଜିତି ଫିଲଡିଙ୍ଗ୍ କରିବାକୁ ନିଷ୍ପତ୍ତି ନେଇଥିଲା। ଅଭୟପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୧୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିରଞ୍ଜନ ଖଟୁଆ ୨୨ ଓ ପ୍ରଭାତ ମଲିକ ୧୮ ରନ୍ କରିଥିଲେ। ବିପକ୍ଷ ମହିଶରା ଦଳର ତପନ ମଲିକ ୫ ଓ ଶନକ




କେଡିଏମ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବରେ ବ୍ଲକ ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

ବେହେରା ୨ ଉଇକେଟ୍ ପାଇଥିଲେ। ଜବାବରେ ମହିଶରା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୩.୪ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୫୯ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱରଞ୍ଜନ ନାୟକ ୧୭ ଓ ସଙ୍ଗ୍ରାମ ଦାସ ୧୫ ରନ୍ କରିଥିଲେ। ଅଭୟପୁର ଦଳର ପ୍ରଭାତ ମଲିକ ୪ ଓ ମନୋଜ ରାଉତ ୩ ଉଇକେଟ ନେଇଥିଲେ। ଅମରେଶ ପରିଡା ଓ ଉତ୍ତମ ସାମଲ ଖେଳ ପରିଚାଳନା

## ଅଭୟପୁର ବିଜୟୀ

କରିଥିଲେ। ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋରରେ ସହାୟତା କରିଥିଲେ। ରବିବାର କ୍ଷେତ୍ରପାଳ ପଞ୍ଚାୟତ ସହିତ ଥାନୁଆଳ ଓ ଆରୁହା ସହିତ ପାଖର ପଞ୍ଚାୟତ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଉପସଭାପତି ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି ।

# ଟ୍ରେନ୍ ଧକ୍କାରେ ମା'ଝିଅ ମୃତ

ଯାଜପୁର ରୋଡ,୨୩।୧୧(ଡି.ଏନ୍.ଏ.)

ଯାଜପୁର କେନ୍ଦୁଝର ରୋଡ୍ ରେଲ୍‌ୱେ ଷ୍ଟେଶନ ଭଦ୍ରକ ପାର୍ଶ୍ୱ ନିକଟ ଅହମ୍ମଦନଗର ନିକଟରେ ଶନିବାର ପୁରୀ ପାସେଞ୍ଜର ଟ୍ରେନ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବ୍ୟାସନଗର ପୌରାଞ୍ଚଳସ୍ଥିତ ଚାନ୍ଦମା ଗ୍ରାମର କାଠି ରଣା(୭୦) ଏବଂ ଗୁରୁବାରୀ ରଣା(୪୦)। ସେମାନେ ସମ୍ପର୍କରେ ମା' ଝିଅ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ପୋଲିସ ଓ ମାଜେଷ୍ଟ୍ରଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାରକରାଯାଇ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନା ପଠାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୯/୧୯) ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସକାଳେ ମା' ଝିଅଙ୍କ ମୃତଦେହ ଟ୍ରେନ୍ ଲାଇନ୍ କଡ଼ରେ ପଡିଥିବା ଦେଖି ଜଣେ ଟ୍ରେନ୍ ଡ୍ରାଇଭର ଷ୍ଟେଶନ ମ୍ୟାନେଜରଙ୍କୁ ଜଣାଇଥିଲେ। ଏ ନେଇ ମ୍ୟାନେଜର ରେଲ୍‌ୱେ ପୋଲିସକୁ ଜଣାଇଥିଲେ। ମିଳିଥିବା ସୂଚନା ଅନୁସାରେ ଗୁରୁବାରୀ ଅବିବାହିତ ଥିଲେ। ସେ ମା'ଙ୍କ ସହ ରହୁଥିଲେ। ତେବେ ଗତ କିଛିଦିନ ଧରି ପରିବାରରେ କଳହ ଲାଗି ରହିଥିଲା। ଆଉ ଏହି କାରଣରୁ ଉଭୟେ ମା'ଝିଅ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

# ଭୋଟକାରେ କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ

ରସୁଲପୁର,୨୩।୧୧(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ ହୋଇଯାଇଛି। କାର୍ତ୍ତିକେଶ୍ୱର ସାହିରେ ବିଛା ସଂକ୍ରାନ୍ତି କଳାରେ ଏହି ପୂଜା ୩ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଅଙ୍କୁରାପୋଣ, କଳାସାଧିବାସ, କଳସ ଶୋଭାଯାତ୍ରା, ପ୍ରଭୁଙ୍କ ନିକଟରେ ଘଟ ସ୍ଥାପନ କରାଯାଇଥିଲା। ବିଶ୍ୱନାଥ ଦାସଙ୍କ ପୌରହିତ୍ୟରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶେଷଦିବସରେ ପ୍ରଭୂଙ୍କୁ ପୂର୍ଣ୍ଣାହୂତି ପ୍ରଦାନ ପରେ ପରେ ବିସର୍ଜନ କରାଯାଇଥିଲା।




























■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ପ୍ରସଙ୍ଗ

# କେରେଣ୍ଡାଟାଙ୍ଗୀ ପିଇଓଙ୍କ ନାଁରେ ଭିଜିଲାନ୍ସ ମାମଲା

**ରଣପୁର,୨୩।୧୧(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ମାମଲାରେ କେରେଣ୍ଡାଟାଙ୍ଗୀ ପିଇଓ ବିଜୟ କୁମାର ବେହେରାଙ୍କ ନାଁରେ ଭିଜିଲାନ୍ସମାମଲା ହୋଇଛି। ତେବେ ବ୍ରଜରାଜପୁର ପଞ୍ଚାୟତରେ ତଦନ୍ତ ଶୀତଳ ଭଣ୍ଡାରରେ ରହିଯାଇଥିବା ଅଭିଯୋଗ ରହିଛି। ଦୁଇ ପଞ୍ଚାୟତରେ ଗରିବ ଲୋକଙ୍କୁ ଅଣଦେଖା କରାଯାଇ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି। ଯାହାର ପ୍ରମାଣ ପାଇ ଭିଜିଲାନ୍ସ ଏସ୍‌ପି ଏକ ମାମଲା (ନଂ.୫୨/୧୧।୧୧।୨୦୧୯) ରୁଜୁ କରି ନୟାଗଡ଼ ଜିଲାପାଳ ଓ ରଣପୁର ବ୍ଲକକୁ ପଠାଇଛନ୍ତି। ତେବେ ବ୍ରଜରାଜପୁର ଘୋଟାଲାର ତଦନ୍ତ ଆରମ୍ଭ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।


ଏଭଳି ଘର ଥିବା ସ୍ୱଚ୍ଛଳ ବର୍ଗର ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଛି।

■ ବ୍ରଜରାଜପୁର ପଞ୍ଚାୟତରେ ତଦନ୍ତ ଶୀତଳ ଭଣ୍ଡାରରେ

■ ଛାତ ଘର ଥିବା ପରିବାର ଯୋଜନାର ସୁଫଳ ନେଉଛନ୍ତି

ରଣପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା ପରି ଗ୍ରାମୀଣ ଆବାସ ଯୋଜନା ବାଟବଣା ହୋଇଛି। ବିଶେଷ କରି ବ୍ଲକର ବ୍ରଜରାଜପୁର ଓ କେରେଣ୍ଡାଟାଙ୍ଗୀ ପଞ୍ଚାୟତରେ ଦୁର୍ନୀତି ସୀମା ଟପିଛି। ୨୦ରୁ ୩୦ ହଜାର ଟଙ୍କା ନ ଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳୁ ନ ଥିବା ଅଭିଯୋଗ ହେଉଛି। ପୂର୍ବରୁ ମୋ କୁଡିଆ ଓ ଇନ୍ଦିରା ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ ପୁଣି ଥରେ କାର୍ଯ୍ୟାଦେଶ ଦିଆଯାଉଛି। ଫଳସ୍ୱରୂପ ଗରିବ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯୋଜନା ପହଞ୍ଚି ପାରୁନି। ଉଭୟ ପଞ୍ଚାୟତ ବାସିନ୍ଦା ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଚାଲିଥିବା ଅନିୟମିତତା ସମ୍ପର୍କରେ ମୁହଁ ଖୋଲିଥିଲେ। ସେମାନେ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ନୟାଗଡ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରି ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାଛଡା ଯୋଗ୍ୟ ହିତାଧିକାରୀ ବିଭିନ୍ନ ସମୟରେ ବିଡିଓ, ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ଏଣୁ କେରେଣ୍ଡାଟାଙ୍ଗୀ ପରି ବ୍ରଜରାଜପୁରକୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି ହୋଇଛି।

## ରାସ୍ତାକଡ଼କୁ ଓଲଟିଲା ଗାଡ଼ି

**ଭାପୁର,୨୩।୧୧(ଡି.ଏନ୍.ଏ.)**–ଭାପୁର ଖଣ୍ଡପଡ଼ା ପୂର୍ତ୍ତ ରାସ୍ତାର ଭାପୁର ଦମକଳ କେନ୍ଦ୍ର ନିକଟରେ କ୍ରଶର ଗୁଣ୍ଡ ନେଇ ଯାଉଥିବା ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଛି। ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ରାତି ପ୍ରାୟ ୧ଟା ସମୟରେ ଶାଳପଡ଼ା ପଟୁ ଭାପୁର ଆଡ଼କୁ ଯାଉଥିବା ଓଡି–୧୮–ଇ–୨୧୬୩ ନମ୍ବର ବିଶିଷ୍ଟ ହାଇୱା ଗାଡିର ଷ୍ଟିୟରିଂ କଟିଯିବାରୁ ରାସ୍ତାର ଡାହାଣ ପଟକୁ ମାଡ଼ିଯାଇ ଏକ ଆମ୍ବ ଗଛ ସହ ଧକ୍କା ହୋଇଥିଲା। ପରେ ଏକ ନୂଆ ଇଲେକ୍ଟ୍ରି ଖୁଣ୍ଟକୁ ଧକ୍କା ଦେଇ ରାସ୍ତାକଡ଼ ଖାଲକୁ ଖସିପଡ଼ିଥିଲା।


























